ଧରିତ୍ରୀ
DHARITRI
April 26- May 2, 2026 ₹ 2/-

ଧରିତ୍ରୀ DHARITRI 52 Years


# ଛୁଟିଦିନ

# ଓଃ କି ଖରା !

ପ୍ରଚ୍ଛଦ ପ୍ରସଙ୍ଗ

୩

ହଠାତ୍ ବଢିଛି ଖରା। ଅସ୍ତବ୍ୟସ୍ତ କରିଦେଲାଣି ଜନଜୀବନ। ଏଇ ଖରାରୁ ନିସ୍ତାର ପାଇବା ପାଇଁ ସମସ୍ତେ ଖୋଜୁଛନ୍ତି ବାଟ। ଯେଉଁଥିପାଇଁ ସହରବଜାରରେ ଏବେ ଅନେକ ଦେଶୀ ଜିନିଷର ପସରା ମେଲିଛି...



# ସୌଭାଗ୍ୟ ଆଣେ ହାତୀ ପ୍ରତୀମା

**ଭଗବାନ ଗଣେଶଙ୍କ ସ୍ୱରୂପ ଭାବେ ହାତୀଙ୍କୁ ଅନେକେ ପୂଜା କରିଥାନ୍ତି। ବାସ୍ତୁଶାସ୍ତ୍ରରେ ବି ହାତୀ ପ୍ରତୀମାକୁ ସମୃଦ୍ଧି, ଜ୍ଞାନ, ଶକ୍ତି ତଥା ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ। ତେବେ ହାତୀ ପ୍ରତୀମାକୁ ଘରର କେଉଁଠି ଓ କିଭଳି ଭାବେ ରଖିଲେ ଶୁଭ ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**

* ମୁଖ୍ୟଦ୍ୱାର ନିକଟରେ ଶୁଣ୍ଢ ଉପରକୁ ଉଠାଇଥିବା ଯୋଡ଼ା ହାତୀର ପ୍ରତୀମାକୁ ରଖିଲେ ନକରାତ୍ମକ ଶକ୍ତି ଦୂର ହୋଇ ଘରର ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ତେବେ ଧ୍ୟାନ ଦେବେ, ହାତୀ ପ୍ରତୀମାର ମୁହଁ ଯେମିତି ଘର



ଭିତର ଆଡ଼କୁ ରହୁଥିବ।

* ମୁଖ୍ୟଦ୍ୱାର ନିକଟରେ ରଖିବାକୁ ସୁବିଧା ନଥିଲେ ଘରର ଉତ୍ତର-ପୂର୍ବ ଦିଗରେ ଯୋଡ଼ା ହାତୀ ପ୍ରତୀମାକୁ ମଧ୍ୟ ରଖିପାରିବେ।

* କ୍ୟାରିୟର୍‌ରେ ଉନ୍ନତି ଚାହୁଁଥିବା ବ୍ୟକ୍ତିମାନେ ଷ୍ଟଡି ଟେବୁଲ୍ ହେଉକି ଅଫିସ୍ ଟେବୁଲ୍ ଉପରେ ଏପରି ହାତୀ ପ୍ରତୀମା ରଖିପାରିବେ; ଯାହାର ଗୋଟିଏ ଗୋଡ଼ ଟିକେ ଆଗକୁ ଉଠିକି ରହିଥିବ।

* ରୂପା ଅବା ପିତଳରେ ତିଆରି ଯୋଡ଼ା ହାତୀର ପ୍ରତୀମା ରଖିବା ଘର ପାଇଁ ଶୁଭ ହୋଇଥାଏ। ଧଳା ମାର୍ବଲର ହାତୀ ପ୍ରତୀମାକୁ ବି ଘରେ ରଖାଯାଇପାରେ।

* ଧନ, ସମୃଦ୍ଧିର ପ୍ରତୀକ କୁହାଯାଉଥିବା ରୂପାର ହାତୀ ପ୍ରତୀମାକୁ ଟ୍ରେଜେରୀ ଅବା ପଇସା ଥିବା ସ୍ଥାନରେ ରଖିବା ଶୁଭ ହୋଇଥାଏ।

* ଜ୍ଞାନ ଓ ଶାନ୍ତିର ପ୍ରତୀକ କୁହାଯାଉଥିବା ଧଳା ମାର୍ବଲର ହାତୀ ପ୍ରତୀମାକୁ ଲିଭିଂ ରୁମ୍‌ରେ ରଖିଲେ ପାରିବାରିକ ସମ୍ପର୍କ ଦୃଢ଼ ହୁଏ ବୋଲି ବିଶ୍ୱାସ ରହିଛି।

* ନାଲି ରଙ୍ଗର ହାତୀ ପ୍ରତୀମା ବି ଘର ପାଇଁ ଶୁଭ। ଏହାକୁ ଘରର ଦକ୍ଷିଣ ଦିଗରେ ରଖିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ୍ ୨୬- ମେ'୨, ୨୦୨୬

**ମେଷ**: ସ୍ୱାସ୍ଥ୍ୟ ଭଲ ରହିବ, ହାତ ଖାଲି ରହିବନି, ସହକର୍ମୀଙ୍କ ସହାନୁଭୂତି, ଋଣ ପରିଶୋଧ ଚିନ୍ତା ବୃଦ୍ଧି, ଅଶ୍ୱସ୍ତିକର ପାରିପାର୍ଶ୍ୱିକ ପରିସ୍ଥିତି, ହୋଟେଲ ଶିଳ୍ପରେ ଉନ୍ନତି, ସାହିତ୍ୟକୃତିରୁ ପ୍ରଶଂସା, କ୍ରନିକ୍ ରୋଗରେ ପୀଡା, ଆତ୍ମୀୟଙ୍କ ଅପନିନ୍ଦା, ବ୍ୟବସାୟିକ ଉନ୍ନତି ॥

**ବୃଷ**: ଅର୍ଥନୈତିକ ଅଭିବୃଦ୍ଧି, ଅନ୍ତରଙ୍ଗ ବନ୍ଧୁଙ୍କ ଆନୁଗତ୍ୟ, ଉପରିସ୍ଥଙ୍କ ଅନୁକମ୍ପା, ପାରିବାରିକ ସୁଖ, କ୍ରୀଡାକୌଶଳରୁ ସମ୍ମାନ, ବାଣିଜ୍ୟରେ ପ୍ରତିବନ୍ଧକ, ମକଦ୍ଦମାରେ ସଫଳତା, ନୂତନ ଯୋଜନାରମ୍ଭ, ବିଦେଶ ଯାତ୍ରାରେ ସମସ୍ୟା ॥

**ମିଥୁନ**: ନୈତିକତାପୂର୍ଣ୍ଣ ଜୀବନଚର୍ଯ୍ୟା, ସୁସଂଯତ ବିଚାରଧାରା, କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, ସନ୍ତାନଙ୍କ ବେପରୁଆ ମନୋଭାବ, ଆଦରବିନା ଆତିଥ୍ୟ, ପ୍ରତିବନ୍ଧକ ଦୂର ହେବ, ନୂତନ କର୍ମନିଯୁକ୍ତି, ସଙ୍ଗୀତକଳାରେ ନୈପୁଣ୍ୟତା ॥

**କର୍କଟ**: ଶରୀରଚର୍ଚ୍ଚାରୁ ସୁନ୍ଦର ସ୍ୱାସ୍ଥ୍ୟ, ଶୃଙ୍ଖଳିତ ପାରିବାରିକ ଜୀବନ, ଆର୍ଥିକ ପ୍ରଗତିରୁ ଆନନ୍ଦ, ପ୍ରତିରୋଧର ସାମନା, ଅସଫଳତାର ସମୀକ୍ଷା, କୁଟୀର ଶିଳ୍ପରେ ଉନ୍ନତି, ରସଶିକ୍ତ ସାହିତ୍ୟର ପ୍ରଶଂସା, ସାମାଜିକ ସମ୍ମାନ ॥

**ସିଂହ**: ନିରଳସ ସାଧନାରୁ ସଫଳତା, ବଳିଷ୍ଠ ବ୍ୟକ୍ତିତ୍ୱରୁ ସମ୍ମାନ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ଅପ୍ରିୟସତ୍ୟ ଭାଷଣରୁ ବିତର୍କ, ବୈଷୟିକ ସମ୍ପଦର ଅଭିବୃଦ୍ଧି, ପଡୋଶୀଙ୍କ ଅସହିଷ୍ଣୁତା, ଯାନବାହନରେ ତ୍ରୁଟି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

**କନ୍ୟା**: ଯୋଜନାର ସଫଳ ରୂପାୟନ, ଅର୍ଥଗତ ବୈଷମ୍ୟ, ପ୍ରତାରଣାପୂର୍ଣ୍ଣ ପ୍ରତିଶୃତି, ଶତ୍ରୁତାର ମାୟାଜାଲ, ଅବାଞ୍ଛିତ କଳ୍ପନା, ଆନ୍ତରିକତା ବିହୀନ ଆଦର, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ଏଜେନ୍ସିପ୍ ବଢିବ, ଭ୍ରାତୃସମ୍ପର୍କରେ ଉନ୍ନତି, ପରିବାରରେ ମତାନ୍ତର, ସ୍ଥାନାନ୍ତରରେ ଦୁଃଶ୍ଚିନ୍ତା ॥

**ତୁଳା**: ମାନସିକ ଅସ୍ଥିରତା, ପାରିବାରିକ ଶାନ୍ତି, ଅନୁକୂଳ ବାତାବରଣ, ହଟିଯିବ ପ୍ରତିରୋଧ, ଲୁଟିଯିବ ସୁବିଧା ସୁଯୋଗ, ଖୋଲିଯିବ ରୁଦ୍ଧଦ୍ୱାର, ଶତ୍ରୁମାନଙ୍କ ବିଳୟ, ନୂତନମିତ୍ରତାର ବାକ୍ ବିଳାସ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟିକ ଉନ୍ନତି, ବିବାଦର ଅବସାନ ॥

**ବିଛା**: ହିତୈଷୀଙ୍କ ଉତ୍ତମ ପରାମର୍ଶ, ବୈଷୟିକ ଅଭିବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ପକ୍ଷପାତିତାରୁ କଳହ, ବନ୍ଧୁସମ୍ପର୍କରେ ତିକ୍ତତା, ଗବେଷଣାରେ ସମାଧାନର ଆଶା, ଆଲୋଚନାରେ ଅଗ୍ରଗତି, ଭୁଲ୍ ଧାରଣା ବଦଳିଯିବ, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**: ଅନାବଶ୍ୟକ ଆଲୋଚନା, ଅସାବଧାନତାର କାର୍ଯ୍ୟ, ଅନ୍ୟମନସ୍କରେ ଯାତ୍ରା, ଅନଧିକୃତ ପ୍ରବେଶ, ବନ୍ଧୁଙ୍କ ଅନାହୂତ ଉପସ୍ଥିତି, ପଡୋଶୀଙ୍କ କୁଟିଳ ଚିନ୍ତାଧାରା, ସତ୍‌ସଙ୍ଗର ସୁଯୋଗ, ସଭାସମିତିକୁ ନିମନ୍ତ୍ରଣ, ପାଣ୍ଡିତ୍ୟର ପୁରସ୍କାର ॥

**ମକର**: ଦୈହିକ ଦୁର୍ବଳତା, ଆର୍ଥିକ ଅନଟନ, ନିମ୍ନାଭିମୁଖୀ ଭ୍ରାତୃସମ୍ପର୍କ, ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, ସ୍ଥିରୀକୃତ ବିବାହ ପ୍ରସ୍ତାବ, ଋଣ ପରିଶୋଧରେ ଆତ୍ମତୃପ୍ତି, ବ୍ୟବସାୟିକ ସଫଳତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ତୀର୍ଥାଟନର ସୁଯୋଗ, ସରକାରୀ ସହାୟତା ଲାଭ ॥

**କୁମ୍ଭ**: ପ୍ରତିଭାର ପରିପ୍ରକାଶ, ଅର୍ଥର ପ୍ରାଚୁର୍ଯ୍ୟ, ଅସୁସ୍ଥ ଚିନ୍ତାଧାରାର କାର୍ଯ୍ୟାବଳୀ, ଅପରିଣାମ ଦର୍ଶୀତାର କୁଫଳ, ପ୍ରତାରଣା ପୂର୍ଣ୍ଣ ବନ୍ଧୁତା, ଅପରାଧର ମିଥ୍ୟାଭିଯୋଗ, ସତର୍କତାମୂଳକ ପଦକ୍ଷେପ, ରାଜନୈତିକ ପୃଷ୍ଠପୋଷକତା, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

**ମୀନ**: ନୂତନ ବନ୍ଧୁସମ୍ପର୍କ, ଶତ୍ରୁତାର ତାଡନା, ରୋଗର ଉତ୍ପୀଡନ, ସମସ୍ୟାର ସମାଧାନ, ନିଷ୍କଣ୍ଟକ କର୍ମକ୍ଷେତ୍ର, ପରୀକ୍ଷାରେ ସଫଳତା, ବୁଦ୍ଧିଜିବୀଙ୍କ ପ୍ରେରଣା, ଆତ୍ମୀୟଙ୍କ ବେଖାତିର, ଅଧସ୍ତନଙ୍କ ଅଣଦେଖା, ଦୁଃଖଦ ସ୍ଥିତି ବଦଳିବ ॥

# ଆଖୁ ରସ କେତେ ଉପକାରୀ!

ଖରାଦିନେ ପେଟକୁ ଥଣ୍ଡା ଓ ଶରୀରକୁ ଉର୍ଜ୍ଜାବାନ୍ ରଖିବାରେ ଆଖୁ ରସର ବି ଥାଏ ଯଥେଷ୍ଟ ଭୂମିକା। ଏହା ପାଟିକୁ ଯେମିତି ସ୍ୱାଦ ଲାଗେ ଶରୀର ପାଇଁ ବି ସେମିତି ଉପକାରୀ ହୋଇଥାଏ। କାରଣ ଏଥିରେ କ୍ୟାଲସିୟମ୍, ପୋଟାସିୟମ୍, ଆଇରନ୍ ଭଳି ବହୁ ଗୁଣକାରୀ ତତ୍ତ୍ୱ ଭରି ରହିଥାଏ; ଯାହା ଖରାଦିନେ ଶରୀରକୁ ହ୍ରାଇଡେଟ୍ ରଖିବା ସହ ପାଚନ କ୍ରିୟାକୁ ସୁଧାରିଥାଏ ଏବଂ ଆମର ରୋଗପ୍ରତିରୋଧକ ଶକ୍ତିକୁ ବି ବଢାଇଥାଏ। ଖରାରେ ବୁଲି ବୁଲି ହାଲିଆ ଲାଗୁଥିଲେ, ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ସାଙ୍ଗେସାଙ୍ଗେ ଶରୀରରେ ଫୁର୍ତ୍ତି ଆସିଯାଏ। କେବଳ ସେତିକି ନୁହେଁ, ତ୍ୱଚାରେ ଚମକ ଆଣିବା ସହ ହୃଦ୍ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ ହୋଇଥାଏ। ଜଣ୍ଡିସ୍ ରୋଗୀଙ୍କ ପାଇଁ ବି ଆଖୁ ରସ ପିଇବା ଉତ୍ତମ। ଆଉ ଏହି ଆଖୁ ରସ ଯେତେ ସତେଜ ଓ ପରିଷ୍କାର ହୋଇଥିବ ସେତେ ଭଲ। କିନ୍ତୁ ଯେଉଁମାନେ ଡାଇବେଟିସ୍ ରୋଗରେ ଆକ୍ରାନ୍ତ, ସେମାନେ ଦେଖିଚାହିଁ ଅଳ୍ପ ପରିମାଣର ଆଖୁରସ ପିଇବା ଆବଶ୍ୟକ, ନଚେତ୍ ଆଖୁରସର ମିଠାପଣ ସେମାନଙ୍କ ସୁଗାର୍ ଲେଭଲ୍‌କୁ ବଢ଼ାଇ ଦେଇପାରେ।



# ପାଠକୀୟ

* କାହାର ନିଜର ବୋଲି କେହି ନାହାନ୍ତି ତ ଆଉ କାହାକୁ ନିଜ ଲୋକ ପର କରି ରାସ୍ତା କଡ଼ରେ ଅସହାୟ ଭାବେ ବଞ୍ଚିବାକୁ ଛାଡ଼ି ଦେଇଛନ୍ତି। ଏହି ଅସହାୟ ଲୋକଙ୍କର ଭରସା ସାଜିଥିବା କିଛି ମଣିଷଙ୍କ କଥାକୁ ନେଇ ଉପସ୍ଥାପନା ହୋଇଥିବା 'ଭରସା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ଅମରେନ୍ଦ୍ର ଷଡ଼ଙ୍ଗୀ, ରାଣୀହାଟ, କଟକ*

* ଅସହାୟ ଲୋକଙ୍କ ଦୁଃଖ ଏମାନଙ୍କ ଆଖିରେ ଯାଏନା। ରକ୍ତ ସମ୍ପର୍କର ନ ହେଲେ ବି ତାଙ୍କ ଅସହାୟତାକୁ ଏମାନେ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଆଉ ତାଙ୍କ ନିମନ୍ତେ କିଛି ସ୍ଥାୟୀ ବ୍ୟବସ୍ଥା କରିବାକୁ ଚିନ୍ତା କରି ସେ ଦିଗରେ ଆଗେଇ ଚାଲିଛନ୍ତି। ଯେଉଁଥିପାଇଁ ସମାଜ ଏମାନଙ୍କୁ ଅସହାୟଙ୍କ ଭରସା ବୋଲି କହୁଛି। ଆଉ ଯାହାକୁ ଆଧାର କରି ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମନଛୁଆଁ ହୋଇ ଥିଲା।

*– ଅବିନାଶ ମହାନ୍ତି, ପୁରୀ*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରେ ସ୍ଥାନିତ 'ଜୋତା ଫ୍ୟାଶନ' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି, ଶିଶୁ ସାହିତ୍ୟିକ, ଶିକ୍ଷାବିତ୍ ନିରଞ୍ଜନ ପତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ରଶ୍ମିତା ବରାଳ, ଜଗତ୍‌ସିଂହପୁର*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଆତଙ୍କ' ଶୀର୍ଷକ ଗପଟି ଖୁବ୍ ରୋଚକପୂର୍ଣ୍ଣ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି 'ଭାଙ୍ଗି ପଡ଼ିଥିଲେ ଦିବ୍ୟା' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ମନଛୁଆଁ ଲାଗୁଥିଲା।

*– ପାୟଲ ପ୍ରଧାନ, ବୋରିଗୁମ୍ମା*

* ସାହିତ୍ୟିକା ଶର୍ମିଷ୍ଠା ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ଥିଲା। ଉତ୍ତରାଖଣ୍ଡର ଧନୌଲ୍ଟି ହିଲ୍‌ଷ୍ଟେଶନ ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସୁବୁଦ୍ଧି ଜେନା, ମାଲକାନାଗିରି*

* ପିଏନ୍‌ଜି, ଏଲ୍‌ପିଜି, ସିଏନ୍‌ଜି ଓ ଏଲ୍‌ଏନ୍‌ଜି ଭିତରେ ପାର୍ଥକ୍ୟ କ'ଣ ତାହା ବିବିଧା ପୃଷ୍ଠାରୁ ଜାଣିହେଲା। 'ଶ୍ରୀ ସର୍ବଜାଣ' ଶୀର୍ଷକ ପାଠଟି ବି ବେଶ୍ ନିଆରା ଥିଲା ପଢିବାକୁ। ବ୍ୟାକ୍‌ପେଜ୍ ପୃଷ୍ଠାର 'ଦାନ୍ତରେ ଗଢନ୍ତି ସ୍ଥାପତ୍ୟ' ଶୀର୍ଷକ ପାଠଟି ବି ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ପଦ୍ମାବତୀ ଦାଶ, କାକଟପୁର*

ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର
ଇ-ମେଲ୍ ଠିକଣା:
chhutidinadharitri@gmail.com

# ବିଶେଷ ଚିଠି




ଭରସା ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ଜୋତା ଫ୍ୟାଶନ ବି ଥିଲା
ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ,
ମନ ଖୁସି ହୋଇଯାଇଥିଲା
ସିନେମା ପୃଷ୍ଠାକୁ ଦେଖି।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ
ସବୁବେଳେ ଭିନ୍ନ।

*– ରଞ୍ଜିତ ବିଶ୍ୱାଳ, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଓଃ କି ଖରା !



ହଠାତ୍ ବଢିଛି ଖରା । ଅସ୍ତବ୍ୟସ୍ତ କରିଦେଲାଣି ଜୀବନ । ବାହାରକୁ ବାହାରିଲେ ଦେହ ଯେମିତି ଜଳିପୋଡ଼ି ଯାଉଛି । ଥଣ୍ଡା ପବନ କି ଗଛ ଛାଇ ଟିକେ ମିଳୁନି ସହରିଆଙ୍କ ପାଇଁ । ଖରାରୁ ନିସ୍ତାର ପାଇବା ପାଇଁ ସମସ୍ତେ ଏବେ ଦେଶୀ ପଦ୍ଧତିକୁ ଆପଣେଇବାର ଦେଖିବାକୁ ମିଳୁଛି ।ସେଇଥିପାଇଁବୋଧେ ସହରମାନଙ୍କରେ ଏବେ ମାଟିହାଣ୍ଡି, ମାଟି ଫିଲ୍ଟର, ହାତପଙ୍ଖା,ବେଣାଚେର, ସିପାଳ ମସିଣା ଆଉ ବିଭିନ୍ନ ପ୍ରକାରର ଜୁସ୍‌ର ଚାହିଦା ବଢିବାରେ ଲାଗିଛି । ସମସ୍ତେ ଚାହୁଁଛନ୍ତି କେମିତି ବି ହେଉ ଏଇ ଖରାରୁ ଟିକେ ତ୍ରାହି ପାଇବେ ।

**ମାଟିର ସୁରେଇ ଓ ଫିଲ୍‌ଟର–** ଦିନ ଥିଲା ମାଟିରେ ତିଆରି ବିଭିନ୍ନ ପାତ୍ରର ଅଧିକ ଚାହିଦା ଥିଲା । ମାଟି ସୁରେଇର ପାଣି ଓ ମାଟି ହାଣ୍ଡି ପଖାଳ କାହାକୁ ବା ଭଲ ନ ଲାଗୁଥିଲା । କିନ୍ତୁ ସମୟ କ୍ରମେ ଷ୍ଟିଲ, ବୋନ୍ ଚାଇନା ଆଦି ବ୍ୟବହାର କରି ମାଟିପାତ୍ରର ବ୍ୟବହାର କମିଲା । କିନ୍ତୁ ଆଜିକାଲି ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେବାପରେ ପୁଣି ଖୋଜୁଛନ୍ତି ମାଟିପାତ୍ରକୁ । ଯେଉଁଥିପାଇଁ ମାଠିଆଠାରୁ ଆରମ୍ଭକରି ମାଟିହାଣ୍ଡି, ସୁରେଇ, ମାଟି କଡ଼େଇ, ବାସନକୁସନ ଆଉ ମାଟି ଫିଲ୍ଟର ଏବେ ବେଶି ଖୋଜା ପଡୁଛି । ଏହିସବୁ ମାଟିପାତ୍ର ତିଆରି କରନ୍ତି ବାଲେଶ୍ୱରର ରମେଶ ଚନ୍ଦ୍ର ମୁଦୁଲି । ବାପା ତାଙ୍କର କୌଳିକବୃତ୍ତି ଦାୟରେ ମାଟିପାତ୍ର ତିଆରି କରୁଥିଲେ । ସେଥିପାଇଁ ରମେଶ କିଛି କିଛି ଶିଖିଥିଲେ । ୨୦୦୮ ମସିହାରେ ରାଜ୍ୟ ହସ୍ତଶୀଳ୍ପ ତାଲିମ କେନ୍ଦ୍ରରେ ଦୁଇବର୍ଷ ଟେରାକୋଟା କୋର୍ସ କରିବା ସହ ୯ ମାସ ଡିଜାଇନ କୋର୍ସ କରିବା ପରେ ଓଡ଼ିଶାର ବିଭିନ୍ନ ଜାଗାକୁ ଯାଇ ଟ୍ରେନିଂ ଦେବାସହ ନିଜେ ବି କାମ କଲେ । ପାରମ୍ପରିକ ମାଟିପାତ୍ର ଛଡ଼ା ଟେରାକୋଟା ଓ ମାଟି ବାସନ, ଫିଲ୍ଟର ଆଦି ଅଧିକ ମାତ୍ରାରେ ତିଆରି କଲେ । ସେ କୁହନ୍ତି, ଆଜିକାଲି ଗାଁ ଗହଳି କ'ଣ ସହରବଜାରରେ ବି ମାଟି ଜିନିଷର ଚାହିଦା ବହୁତ । ବିଶେଷକରି ଖରାଦିନେ ଲୋକ ମାଟି ସୁରେଇ, ମାଟି ଫିଲ୍ଟର ଓ ମାଟି ବାସନ ବେଶି କିଣୁଛନ୍ତି । ଆମେ ଏହିସବୁ ଜିନିଷ ନେଇ ବିଭିନ୍ନ ରାଜ୍ୟର ହସ୍ତଶୀଳ୍ପ ମେଳାକୁ ଯାଉଛୁ । ସେଠାରେ ବି ଏହାର ଚାହିଦା ବହୁତ ରହିଛି । ଖରାଦିନ ଆସିଲେ ଆମ ପାଖକୁ ଅଧିକରୁ ଅଧିକ ଅର୍ଡ଼ର ଆସୁଛି । ଓଡ଼ିଶାରେ ଗୋଟିଏ ଫିଲ୍ଟରକୁ ୫୦୦–୮୦୦ଟଙ୍କାରେ ବିକ୍ରି କରୁଥିବାବେଳେ ବାହାର ରାଜ୍ୟରେ ଏହାଠାରୁ ଅଧିକ ଦାମରେ ବିକ୍ରି ହେଉଛି ।' ଆଉ ଜଣେ ପାରମ୍ପରିକ ମାଟି କାରିଗର ହେଲେ ଖୋର୍ଦ୍ଧା ଜିଲା ସୋରଣ କୁମ୍ଭାରସାହିର ଯୁଧିଷ୍ଠିର ମୁଦୁଲି । ସେ କୁହନ୍ତି, 'ବହୁତଦିନ ହେବ ମାଟିପାତ୍ର ପ୍ରସ୍ତୁତ କରିଆସୁଛି । ହେଲେ ଦେଖୁଛି ଅନ୍ୟଦିନ ଅପେକ୍ଷା ଖରାଦିନେ ହିଁ ମାଠିଆ ଓ ସୁରେଇର ଚାହିଦା ବହୁତ ବଢୁଛି । ଆମ ଗାଁରେ ଗୋଟିଏ ଗୋଟିଏ ମାଠିଆକୁ ପ୍ରାୟ ୫୦ରୁ ୭୦ଟଙ୍କାରେ ଏବଂ ସୁରେଇ ଗୋଟାକୁ ୮୦ରୁ ୧୧୦ଟଙ୍କାରେ ବିକ୍ରି କରିଥାଉ ।

**ହର୍ବାଲ ଜୁସ୍–** ଦିନକୁ ଦିନ ଖରାର ପ୍ରକୋପ ଯେଉଁଭଳି ବଢି ଚାଲିଛି ସେଥିରେ ସମସ୍ତେ ଚାହାନ୍ତି କେମିତି ଶରୀର ସୁସ୍ଥ ରହିବା ସହ ପେଟ ଥଣ୍ଡା ରହିବ । ଆଉ ଏହାର ବିକଳ୍ପ ହେଉଛି ଥଣ୍ଡା ଜୁସ୍ । ତେଣୁ ଖରାରେ ଜୁସ୍‌ର ଚାହିଦା ସବୁଠୁ ଅଧିକ । ଆଉ ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟ ପରିବର୍ତ୍ତେ ଲୋକେ ଏବେ ହର୍ବାଲ ଜୁସ୍ ପିଇବାକୁ ବେଶି ପସନ୍ଦ କରୁଛନ୍ତି । ଓଡ଼ିଶାର ବିଭିନ୍ନ ଜାଗାରେ ବିଶେଷକରି ସହରମାନଙ୍କରେ ବି ହର୍ବାଲ ଜୁସ୍‌ର ଚାହିଦା ବଢୁଛି । ଏମିତି ହର୍ବାଲ ଜୁସ୍ ମିଳୁଛି ଭୁବନେଶ୍ୱରର ବିଭିନ୍ନ ପାର୍କ ନିକଟରେ । ଏଠାରେ ଲୋକେ ବ୍ୟାୟାମ କରିବାପରେ ହର୍ବାଲ ଜୁସ୍ ପିଇବାକୁ ପସନ୍ଦ କରୁଛନ୍ତି । ବର୍ଷର ଅନ୍ୟ ଦିନ ଅପେକ୍ଷା ଖରାଦିନେ ଏହି ଜୁସ୍‌ର ଚାହିଦା ଖୁବ୍ ଅଧିକ । ମଧୁସୂଦନ ପାର୍କଠାରେ ଜୁସ୍ ବିକ୍ରି କରୁଥିବା ଦୟାନିଧି କର କୁହନ୍ତି, 'ପ୍ରାୟ ସକାଳ ୬ରୁ ଦିନ ୯ଟା ଯାଏ ମୋର ଏହି ଜୁସ୍ ବେପାର ଚାଲେ । ସକାଳୁ ସକାଳୁ ପାର୍କକୁ ବୁଲିବାକୁ ଆସୁଥିବା ବ୍ୟକ୍ତିମାନେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଲାଉ, ପାଣିକଖାରୁ, ଗୁଡ଼ମାରି, ବିଟ୍, ଗାଜର, ନଣ୍ଡାବଗୁଲି, ଭୁଷିମିଶ୍ରି, ମାଣ୍ଡିଆଜାଉ ଜୁସ୍, ଓଟ୍‌ସ, ଗହମ ପତ୍ର ରସ, ଆଖୁରସ, କଲରାରସ, ବେଲପଣା, ଗୁଡ଼ପଣା, ହଳଦୀ, ଚିରେଇତା, ଭୃଙ୍ଗରାଜପତ୍ର, ଅଦା, ହଳଦୀ ଜୁସ୍, ପୋଦିନା, ଘିକୁଆଁରି, ଜୁଆଣି, ମେଥି ଆଦି ରସକୁ ପିଇଥାନ୍ତି । ଯାହାକୁ ପିଇଲେ ଶରୀରରେ ଔଷଧପରି କାମକରେ । ଜୁସ୍‌ର ନାଁ ଅନୁସାରେ ୧୦ଟଙ୍କାରୁ ଆରମ୍ଭକରି ୨୫ଟଙ୍କା ଦରରେ ବିକ୍ରି ହୋଇଥାଏ । ବର୍ଷର ଅନ୍ୟ ଦିନ ଅପେକ୍ଷା ଖରାଦିନେ ବହୁତ ସଂଖ୍ୟାରେ ଗରାଖଙ୍କ ଭିଡ଼ ଜମେ ହର୍ବାଲ ଜୁସ୍ ପିଇବାକୁ ।' ଏହି ହର୍ବାଲ ଜୁସ୍ ସମ୍ପର୍କରେ ଆୟୁର୍ବେଦିକ ବିଶେଷଜ୍ଞ **ଡା.ବାସୁଦେବ ପ୍ରଧାନ** କୁହନ୍ତି, 'ଖରାଦିନେ ଶରୀରରେ ଜଳୀୟ ଅଂଶ କମିଯିବାରୁ ଅଧିକ ଜଳପାନର ଆବଶ୍ୟକତା ରହିଛି । ହର୍ବାଲ ଜୁସ୍ ଶରୀରର ଜଳୀୟ ଅଂଶ ଠିକ୍ ରଖିବା ସହ ଶରୀର ପାଇଁ ଉପକାରି ବି ହୋଇଥାଏ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରକୃତିରୁ ମିଳୁଥିବା ଫଳ, ଫୁଲ, ପତ୍ର, ଛେଲି ଓ ଚେର ଆଦିର ଆବଶ୍ୟକତା ରହିଛି । ତେବେ କେଉଁ ରୋଗୀଙ୍କ ପାଇଁ କେଉଁ ପ୍ରକାରର ହର୍ବାଲ ଜୁସ୍ ପ୍ରତିଦିନ ଆବଶ୍ୟକ ତାହା ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଦରକାର । ବିଶେଷକରି ଖରାଦିନେ ଆମ୍ବକୁ ଜୁସ୍‌କରି ପିଇଲେ ଶରୀରରେ ଶକ୍ତି ବୃଦ୍ଧି ହୁଏ । ଅରୁଚି ଦୂରହୁଏ । ପାଚିଲା ବେଲ ଜୁସ୍‌ରେ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ରହିଛି । ଏହାକୁ ପିଇଲେ ଭୋକ ବଢ଼େ, ପେଟଗୋଳମାଳ ଦୂର ହୁଏ । ପଇଡ଼ ପାଣି ଓ ଆଖୁରସ ଖରାଦିନ ପାଇଁ ବହୁତ ଭଲ ।'

**ସିପାଳ ମସିଣା–:** ଖରାଦିନ ଆସିଲେ ସିପାଳ ମସିଣା ଖୋଜା ପଡ଼େ । ବିଶେଷକରି ଗାଁ ଗହଳିରେ ଏହାର ଚାହିଦା ଅଧିକ । ଖୋର୍ଦ୍ଧା ଜିଲ ଟାଙ୍ଗୀ ବ୍ଲକ ଅଧୀନ ଚିଲିକା ଉପକୂଳବର୍ତ୍ତୀ ବାଲିପାଟପୁର, ସୁନ୍ଦରପୁର, କାଠିଲାକୋଠି ଓ କନ୍ତଲବାଇ ଗାଁର ଅନେକ ଅଧିବାସୀ ଏହି ସିପାଳ ମସିଣା ବୁଣି ବିକ୍ରି କରିଥାନ୍ତି । କେବଳ ଚିଲିକା ଜଳରେ ବଢୁଥିବା ଏକପ୍ରକାର ଘାସ ଯାହା

→



ସିପାଳଘାସ ଭାବେ ପରିଚିତ। ଏହି ସିପାଳକୁ ଚିଲିକା ଉପକୂଳବର୍ତ୍ତୀ ଭୂଷଣ୍ଡପୁର ଅଞ୍ଚଳରେ ରହୁଥିବା ବଙ୍ଗାଳି ଲୋକମାନେ ସାଧାରଣତଃ ଶୀତଦିନେ ଚିଲିକାରୁ ସଂଗ୍ରହ କରିଥାନ୍ତି। ଖରାଦିନେ ବିଶେଷକରି ଗରିବ ଶ୍ରେଣୀର ଲୋକ କମ୍ ମୂଲ୍ୟରେ ଏହି ସିପାଳ ମସିଣାକୁ କିଣି ବ୍ୟବହାର କରିଥାନ୍ତି। ମସିଣା ବୁଣାଳି କୁନୁ ହାଲ୍‌ଦାର କୁହନ୍ତି, 'ଚିଲିକାରୁ ସିପାଳକୁ ସଂଗ୍ରହ କରି ଖରାରେ ପ୍ରାୟ ୧୦ଦିନ ଯାଏ ଶୁଖାଯାଇଥାଏ। ତା' ପରେ ତାକୁ ଲମ୍ବ ଅନୁସାରେ ସାଇଜକରି କଟାଯାଏ। ମସିଣାର ମାପ ଅନୁସାରେ ବୁଣାଯାଇଥାଏ। ଜଣେ ସିପାଳ ମସିଣା ବୁଣାଳି ଦିନ ଯାକରେ ପ୍ରାୟ ୫/୭ ଖଣ୍ଡ ମସିଣା ବୁଣିଥା'ନ୍ତି। ସିପାଳମସିଣା ତିଆରି ହୋଇଗଲା ପରେ ବେପାରୀମାନେ ଗାଁ ଗାଁ ବୁଲି ସିପାଳ ମସିଣା ବିକ୍ରି କରନ୍ତି।' ଆଉଜଣେ ବୁଣାଳି ରବି ମଣ୍ଡଳ କୁହନ୍ତି, 'ବର୍ଷର ଅନ୍ୟଦିନ ଅପେକ୍ଷା ଖରାଦିନେ ଏହି ମସିଣାର ଚାହିଦା ଅଧିକ କାରଣ ଏହା ସୋଲଭଳି ହାଲୁକା ଓ ଏହି ମସିଣାରେ ଶୋଇବାକୁ ଗରମଦିନେ ଖୁବ ଆରାମ ଲାଗେ। ଦିନଥିଲା ୪ଟଙ୍କାରେ ଗୋଟିଏ ସିପାଳ ମସିଣା ବିକ୍ରି କରୁଥିଲି। ସେହି ସମୟରୁ ଏହି ବେପାର କରି ଆସୁଛି। ଏବେ ଖଣ୍ଡକୁ ୫୦ ଟଙ୍କାରୁ ୬୦ ଟଙ୍କାରେ ବିକ୍ରି କରୁଛୁ। ସିପାଳ ମସିଣା ଆମ ଅଞ୍ଚଳର ଅନେକ ଲୋକଙ୍କୁ ରୋଜଗାର ଦେଉଥିବା ବେଳେ ଏହା ଚିଲିକା ଅଞ୍ଚଳର ଅନ୍ୟତମ ହସ୍ତଶୀଳ୍ପ। ଯାହା ଖରାଦିନେ ହିଁ ବେଶି ବିକ୍ରି ହେଉଛି। ହେଲେ ଚିଲିକାରୁ ସିପାଳ କମିଯିବାରୁ ହାତଗଣତି କେତୋଟି ପରିବାର ଏହି ସିପାଳ ମସିଣା ବୁଣାକାର୍ଯ୍ୟ କରୁଛନ୍ତି।

**ଏବେବି ଖୋଜାପଡ଼େ ହାତପଙ୍ଖା**–ଅସହ୍ୟ ଗରମରେ ଟିକେ ପବନ ବି କେତେକଥା। ସେଇଥିପାଇଁ ପାୱାର କଟ୍ ହେଲେ ଅବା ଏସି କି ଫ୍ୟାନ ନଥିଲେ ଖୋଜାପଡ଼େ ହାତପଙ୍ଖା। ହାତପଙ୍ଖା କହିଲେ ତାଳପତ୍ର, ବାଉଁଶପାତି ଅବା କପଡାରେ ତିଆରି ପଙ୍ଖା। ତାଳପତ୍ର ପଙ୍ଖା ତିଆରି କରୁଥିବା ନିରାକାରପୁରର ରଘୁ ନାୟକ କୁହନ୍ତି, 'ତାଳପତ୍ର ବିଞ୍ଚଣା ବା ହାତପଙ୍ଖା ଆଜିକାଲିର ନୁହେଁ ଏହା ବହୁତ ପୁରୁଣା କାଳରୁ ଚଳିଆସୁଛି। ଯାହାକୁ ଧନୀ ଗରିବ ନିର୍ବିଶେଷରେ ସମସ୍ତେ ବ୍ୟବହାର କରନ୍ତି। ଆଜିକାଲି ଯାନ୍ତ୍ରିକ ଯୁଗରେ ବିଦ୍ୟୁତ୍ ପଙ୍ଖା ଥିଲେ ବି ତାଳପତ୍ର ବିଞ୍ଚଣାରେ ବିଞ୍ଚିଦେଲେ ଗୁଳୁଗୁଳିରୁ ଟିକେ ତ୍ରାହି ମିଳେ। ସେହିପରି ରଣପୁରର ଜିତୁ ନାୟକ ବାଉଁଶରେ ବିଞ୍ଚଣା ତିଆରି କରି ବିକ୍ରି କରିଥାନ୍ତି । ତାଙ୍କ ବିଞ୍ଚଣା ଗୋଟାକୁ ୩୦ ଟଙ୍କାରେ ବିକ୍ରି ହୁଏ। ଅନ୍ୟଦିନେ ତାଙ୍କୁ କେହି ପଚାରନ୍ତିନି ହେଲେ ଖରାଦିନେ ଭାରି ଖୋଜାପଡେ ତାଙ୍କୁ। ଆଜିକାଲି ଏହି ବିଞ୍ଚଣାରେ ବିଭିନ୍ନ ଆର୍ଟ କରାଯାଇଛି ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗେ। ଏହାବାଦ ପ୍ଲାଷ୍ଟିକ ଓ କାଗଜରେ ତିଆରି ହାତପଙ୍ଖା ବି ଖରାଦିନେ ବଜାରରେ ମିଳୁଛି।

**ବାଉଁଶ କଟେଜ୍** –ଖରାଦିନେ ଅନେକେ ଚାହାନ୍ତି କେଉଁଠି ଟିକେ ଦୂରକୁ ଥଣ୍ଡା ଜାଗାକୁ ବୁଲିଯାଇ ପ୍ରକୃତି କୋଳରେ ଆରାମରେ ରହିବାକୁ। ଯେଉଁଠି କଂକ୍ରିଟ୍ ଜଙ୍ଗଲ ନ ଥିବ। ସେମାନଙ୍କର ଏହି ଇଚ୍ଛା ପୂରଣ କରିବ ବାଉଁଶ ଘର। ଏବେ ଏହି ଘର ରହିଛି ବିଭିନ୍ନ ପର୍ଯ୍ୟଟନସ୍ଥଳରେ। କିଛି ଲୋକ ବି ନିଜ ପାଇଁ ବାଉଁଶରେ ଘର ତିଆରି କରୁଛନ୍ତି। ଯେଉଁଠି ସେମାନେ ଖରାଦିନେ କିଛି ସମୟ ବିତାଇ ପାରିବେ। ବାଉଁଶରେ ଘର କରିଥିବା ଯୁବ ହସ୍ତଶିଳ୍ପୀ ଶ୍ରୀକାନ୍ତ କୁମାର ଜେନା କୁହନ୍ତି, 'ପିଲାଟିବେଳୁ ବାଉଁଶ କାରିଗରି ମତେ ଖୁବ୍ ଆକୃଷ୍ଟ କରୁଥିଲା। ବାଉଁଶରେ ତିଆରି ଟୋକେଇ, କୁଲା, ଭୋଗେଇ, ଡାଲା ଆଦି ବିଭିନ୍ନ ପ୍ରକାର ଘର କରଣା ସମାଗ୍ରୀକୁ ବାଦ୍ ଦେଲେ ବାଉଁଶରେ ଆଉ କ'ଣ ତିଆରି ହୋଇପାରିବ ସେକଥା ଚିନ୍ତା କରୁଥିଲି। ୨୦୦୮ ମସିହାରେ ମୁଁ ଭୁବନେଶ୍ୱରରେ ରହି ପାଠ ପଢିବାବେଳେ ଏକ ହସ୍ତଶିଳ୍ପ ମେଳା ବୁଲିବାକୁ ଯାଇଥିଲି । ସେଠାରେ ହେଇଥିବା ବାଉଁଶ ତିଆରି ଘର ମତେ ଭାରି ଭଲ ଲାଗିଥିଲା। ତା' ପରେ ଗାଁକୁ ଫେରି ପଡ଼ୋଶୀଙ୍କ ବାଡ଼ିରେ ଥିବା ବାଉଁଶ ବୁଦାରୁ କେତୋଟି ବାଉଁଶ ଆଣି କେମିତି ପ୍ରସ୍ତୁତ କରିବି ଚିନ୍ତା କଲି। ଏହାପରେ ଗୁଗଲ୍ ସର୍ଚ୍ଚ କରି ଜାଣିବାକୁ ପାଇଲି ଯେ ଆସାମରେ ବାଉଁଶ ୱାର୍କଶପ୍ ଅଛି । ସେଠାକୁ ଗଲି। ସେଠାରୁ ଗୁଆହାଟୀ ସହରରେ ଜଣେ ଖଡ଼ଗପୁର ଆଇଆଇଟି ସେକେଣ୍ଡ ବ୍ୟାଚ୍‌ର ଛାତ୍ରଙ୍କ ସହ ଭେଟ ହେଲି । ସେ ବାଉଁଶ ହସ୍ତଶିଳ୍ପକୁ ନେଇ ଭଲ ବ୍ୟବସାୟ କରୁଥିଲେ। ସେଠାରୁ ପ୍ରେରଣା ମିଳିଲା। ତା'ପରେ ଆସାମର ତେଜପୁର ଯାଇଥିଲି। ସେଠାକାର ଜଣେ ଫରେଷ୍ଟ ଅଫିସର ମୋର ବାଉଁଶ ଶିଳ୍ପ ପ୍ରତି ରହିଥିବା ଆଗ୍ରହ ଏବଂ ଓଡ଼ିଶାରୁ ଯାଇଥିବାରୁ ବହୁତ ସାହାଯ୍ୟ ସହଯୋଗ କରି କେତେଜଣ ବାଉଁଶ ହସ୍ତଶିଳ୍ପ କାରିଗରଙ୍କ ସହ ଭେଟ କରାଇଥିଲେ । ତାଙ୍କର ପ୍ରୋତ୍ସାହନରେ ସେଠାରେ ପ୍ରାୟ ୨୧ଦିନ ରହିଲି। ସେଠାରେ ଥିବା ଗୁରୁ ସଚିନ ନାଥଙ୍କ ନିକଟରୁ ବାଉଁଶର ସୋଫା ଫର୍ନିଚର, ଫିଟିଂ, ବେତ ଗୁଡ଼ାଇବା ଆଦି କେତେକ କାମ ଶିଖିଲି। ବାଉଁଶରେ ସୁନ୍ଦର ସୁନ୍ଦର ଘର ବା ଅତିଥିମାନଙ୍କ ଲାଗି କଟେଜ ତିଆରି କରିବା ଶିଖିଲି। ଏଥିପାଇଁ କେଉଁ ପ୍ରକାର ବାଉଁଶ ଆବଶ୍ୟକ ପଡ଼େ ସେଥିପ୍ରତି ଧ୍ୟାନ ଦେଲି। ସେଠାରୁ ଫେରିଲା ପରେ ବାଉଁଶର ଫର୍ନିଚର, ବାଉଁଶ କଟେଜ ଆଦି ନାନା କାମ କରୁଛି। ଏବେ ମୋ ସହିତ ପ୍ରାୟ ୫/୬ଜଣ ହସ୍ତଶିଳ୍ପୀ ରହିଛନ୍ତି । ଆଜିକାଲି ବାଉଁଶ କଟେଜ୍ ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମୋତେ ଡାକରା ଆସୁଛି। ବିଶେଷକରି ଖରାଦିନେ ଏହି ଘରର ଚାହିଦା ବେଶି ରହୁଛି।








**ମାଟିଗ୍ଲାସ୍ ସହ ମାଟି ଫ୍ରିଜ୍‌ର ଚାହିଦା ବଢୁଛି:** ଖରାଦିନେ ସହରର ଲୋକ ବେଶି ଅସ୍ତବ୍ୟସ୍ତ। ସମ୍ବଲପୁର, ଟିଟଲାଗଡ ତାତି ତ ଅସମ୍ଭାଳ। ରାଉରକେଲା ତାତି ବି କିଛି କମ୍ ନୁହେଁ। ଏଇ ସହରରେ ଏବେ ଖରାକୁ ଦେଖି ମାଟିପାତ୍ରର ବେଶ୍ ପସରା ମେଲିଛି। ପେଟ ଥଣ୍ଡା ପାଇଁ ଏବେ ମାଟିପାତ୍ରକୁ ଲୋକେ ଭରସା କରିଛନ୍ତି। ମାଟିହାଣ୍ଡି, ସୁରେଇ, ମାଟି ଫ୍ରିଜ୍, ମାଟିଗ୍ଲାସ୍, ଦହିହାଣ୍ଡି, ମାଟିର ଫିଲ୍‌ଟର ଇତ୍ୟାଦିର ଭଲ ବିକ୍ରି ହେଉଛି ଏଇଦିନେ। ରାଉରକେଲାର ଡେଲି ମାର୍କେଟ, ପାନପୋଷ, ଉଦିତନଗର,ବାସନ୍ତୀ କଲୋନୀ, ସିଭିଲ ଟାଉନଶିପ ଏରିଆରେ ଏହି କାରବାର କରି ଶିଳ୍ପୀମାନେ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ଖରାଦିନ ଯୋଗୁ ବିଭିନ୍ନ ଛକରେ ଥଣ୍ଡା ପାନୀୟ, ଲସି ଦୋକାନମାନଙ୍କରେ ବେଶ୍ ଭିଡ଼ ଲାଗୁଛି। ଏଠାରେ ଥଣ୍ଡା ପାନୀୟ ଓ ଲସିକୁ ମାଟିହାଣ୍ଡିରେ ରଖି ମାଟି ଗ୍ଲାସରେ ଦୋକାନୀମାନେ ପିଇବାକୁ ଦେଉଛନ୍ତି। ଘରୋଇ ଲୋକମାନେ ସୁରେଇ ଓ ମାଟି ଫିଲ୍ଟର ବହୁତ କିଣୁଛନ୍ତି। ମାଟି ଗ୍ଲାସକୁ ଡଜନ ପିଛା ୩୫ଟଙ୍କାରୁ ନେଇ ୫୦ଟଙ୍କାରେ ବିକ୍ରି କରୁଛନ୍ତି। ସହରରେ ଥିବା ପ୍ରମୁଖ ଛକଗୁଡ଼ିକରେ ମାଟିହାଣ୍ଡି ଓ ପାଣି ଟ୍ୟାପ ଲାଗିଥିବା ସୁରେଇର ବେପାର ଦେଖିବାକୁ ମିଳୁଛି। ମାଟିହାଣ୍ଡି ମୂଲ୍ୟ ୧୫୦ଟଙ୍କା ଥିବା ବେଳେ ମାଟି ସୁରେଇ ଦାମ୍ ୧୩୦ରୁ ୧୪୦ଟଙ୍କା ରହିଛି। ସେହିଭଳି ବେଦବ୍ୟାସ ଓ ବାସନ୍ତୀ କଲୋନୀ କୁମ୍ଭାରପଡା ଅଞ୍ଚଳରେ ରହୁଥିବା କାରିଗରମାନେ ମାଟିର ଫ୍ରିଜ୍ ତିଆରି କରିଥାନ୍ତି। ଏହି ଫ୍ରିଜ୍‌ରେ ୨ଟି ଥାକ ଥିବାବେଳେ ଏଥିରେ ଲାଗିଥିବା ଟିଣପଟିରେ ବିଭିନ୍ନ ସାମଗ୍ରୀ ରଖିବା ପାଇଁ ସୁବ୍ୟବସ୍ଥା କରାଯାଇଛି। ଗୋଟିଏ ମାଟିଫ୍ରିଜ୍‌ର ମୂଲ୍ୟ ୪୫୦ରୁ ୫ଶହ ଟଙ୍କା ମୂଲ୍ୟରେ ରହିଛି। ମାଟିଫ୍ରିଜ୍ ତିଆରି କରୁଥିବା କାରିଗର ସୌଦାମିନୀ କୁମ୍ଭାର କହନ୍ତି, 'ଏବେ ଖରାଦିନ ହୋଇଥିବାରୁ ସହରର ବିଭିନ୍ନ ତଳି ଓ ବସ୍ତି ଅଞ୍ଚଳରେ ବାସ କରୁଥିବା ଲୋକମାନେ ଏହି ମାଟିର ଫ୍ରିଜ୍ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ଆମେ ୧୦ରୁ ୨୦ଟି ଫ୍ରିଜ ତିଆରି କରୁଛି। ଯାହାଦ୍ୱାରା ଆମ ପରିବାର ପ୍ରତିମାସରେ ୩୦ରୁ ୪୦ହଜାର ଟଙ୍କା ରୋଜଗାର କରୁଛୁ। ଖରାଦିନେ ମାଟିହାଣ୍ଡି, ସୁରେଇ, ମାଟି ଗ୍ଲାସ, ଦହିହାଣ୍ଡି, ମାଟି ଫ୍ରିଜ୍ ଓ ମାଟି ଚୁଲିର ଚାହିଦା ବଢ଼ିଥିବାରୁ କୁମ୍ଭକାରମାନଙ୍କୁ ଭଲ ରୋଜଗାର ମିଳିପାରୁଛି।

**–ବନବିହାରୀ ବେହେରା, ଦିନେଶ ମିଶ୍ର**





# କୁଲ୍ ସମର୍ କଲର୍



**ଖରାଦିନେ ଡିପ୍ କଲର୍ ପରିବର୍ତ୍ତେ ଲାଇଟ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିବାକୁ ପ୍ରାୟ ପସନ୍ଦ କରିଥାନ୍ତି। କାରଣ ଏହା ଆଖିକୁ ସୁନ୍ଦର ଦେଖାଯିବା ସହ କୁଲ୍ ସମର୍ ଲୁକ୍ ଦେଇଥାଏ। ଆଉ ତା'ସହିତ ଖରା ଗରମରେ ଆମ ମୁଡ୍‌କୁ ବି ଫ୍ରେଶ୍ ଓ ପଜିଟିଭ୍ ରଖେ...**

ଖରାଦିନେ ଉଭୟ ଷ୍ଟାଇଲ୍ ଓ କମ୍ଫର୍ଟକୁ ଧ୍ୟାନରେ ରଖି ପରଫେକ୍ଟ ଆଉଟ୍‌ଫିଟ୍ ଚୟନ କରିବା ଯେମିତି ଜରୁରୀ, ଠିକ୍ ସେମିତି ଆଉଟ୍‌ଫିଟ୍‌ର କଲର୍ କ'ଣ ରହିବା ଦରକାର ସେ ବିଷୟରେ ବି ଜାଣିବା ନିହାତି ଆବଶ୍ୟକ। କାରଣ କିଛି କଲର୍ ଖରାଦିନେ ଆମକୁ ଥଣ୍ଡା ଅନୁଭବ ଦେଉଥିବାବେଳେ କିଛି କଲର୍ ଆମ ଲୁକ୍‌କୁ ଆହୁରି ଆକର୍ଷକ କରିଥାଏ। ଜାଣନ୍ତୁ ସେମିତି କିଛି କୁଲ୍ ସମର୍ କଲର୍ ବିଷୟରେ...

✲ **ଧଳା ରଙ୍ଗ:** ଖରାଦିନେ ଧଳା ରଙ୍ଗର ଆଉଟ୍‌ଫିଟ୍ ପିନ୍ଧିବା ସବୁଠୁ ଉତ୍ତମ। କାରଣ ଏହା ଖରାକୁ ରିଫ୍ଲେକ୍ଟ କରିଥାଏ ; ଯଦ୍ୱାରା ବେଶୀ ଗରମ ଅନୁଭବ ହୁଏନା। ବିଶେଷକରି ଧଳା ରଙ୍ଗର କଟନ୍ କୁର୍ତ୍ତି, ଧଳା ରଙ୍ଗର ଲିନେନ୍ ଡ୍ରେସ୍ ଅବା ଧଳା ରଙ୍ଗର ଜିନ୍ସ ଓ ଶାର୍ଟ ଖରାଦିନେ କୁଲ୍ ସମର୍ ଲୁକ୍ ଦେଇଥାଏ।

✲ **ହଳଦିଆ ରଙ୍ଗ:** ଖରାଦିନେ ପିନ୍ଧିବା ପାଇଁ ହଳଦିଆ ରଙ୍ଗର ଆଉଟ୍‌ଫିଟ୍ ବି ବେଷ୍ଟ ହୋଇଥାଏ। ଏନର୍ଜି ଓ ପଜିଟିଭିଟିରେ ଭରା ଏହି ରଙ୍ଗର ଆଉଟ୍‌ଫିଟ୍ ସାଙ୍ଗକୁ ହାଲ୍‌କା ଆସେସରିଜ୍ ଖୁବ୍ ସୁନ୍ଦର ମାନେ। ହଳଦିଆ-ଧଳା, ହଳଦିଆ-ସ୍କାଏ ବ୍ଲୁ କଲର୍‌ର କମ୍ବିନେଶନ ଥିବା ଆଉଟ୍‌ଫିଟ୍ ଖରାଦିନେ ଫ୍ରେଶ୍ ଲୁକ୍ ଦିଏ।

✲ **ପେଷ୍ଟାଲ୍ କଲର୍:** ଲାଭେଣ୍ଡର, ମିଣ୍ଟ ଗ୍ରୀନ୍, ବେବି ପିଙ୍କ୍, ପିଚ୍ ଭଳି ପେଷ୍ଟାଲ୍ କଲର୍‌ର ଆଉଟ୍‌ଫିଟ୍‌କୁ ବି ଖରାଦିନେ ପିନ୍ଧିଲେ ବେଶ୍ ଆରାମ ଲାଗେ। ବିଶେଷକରି ଦିନ ସମୟରେ କୌଣସି ମିଟିଙ୍ଗ୍ ଥିଲେ ଅବା ଆଉଟିଂରେ ଯାଉଥିଲେ ଅଥବା ଅଫିସ୍ ପାଇଁ ଏହି କଲର୍‌ର ଆଉଟ୍‌ଫିଟ୍ ପିନ୍ଧି ପରଫେକ୍ଟ ଲୁକ୍ ପାଇପାରିବେ। ଏହି କଲର୍‌ର ଆଉଟ୍‌ଫିଟ୍ ଦେଖିବାକୁ ବେଶୀ ବ୍ରାଇଟ୍ ଶେଡ୍ସର ହୋଇ ନଥାଏ ସତ କିନ୍ତୁ ଖରାଦିନେ ଏହାକୁ ପିନ୍ଧିଲେ କୁଲ୍ ଓ ଷ୍ଟାଇଲିଶ୍ ଲୁକ୍ ମିଳେ।

✲ **ଇଣ୍ଡିଗୋ କଲର୍:** ଏହି ରଙ୍ଗର ଆଉଟ୍‌ଫିଟ୍‌କୁ ଖରାଦିନେ ପିନ୍ଧିଲେ ଫ୍ରେଶ୍ ଲୁକ୍ ମିଳେ। ଏହାର ଉଭୟ ଇଣ୍ଡିଆନ୍ ହେଉକି ୱେଷ୍ଟର୍ନ ଆଉଟ୍‌ଫିଟ୍ ଖରାଦିନେ ଝିଅମାନଙ୍କୁ ରିଫ୍ରେଶିଙ୍ଗ୍ ଲୁକ୍ ଦେଇଥାଏ।

✲ **ନ୍ୟୁଟ୍ରାଲ୍ କଲର୍:** ଯେଉଁମାନଙ୍କୁ ବ୍ରାଇଟ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିବା ପସନ୍ଦ ନୁହେଁ, ସେମାନେ ଚାହିଁଲେ ଖରାଦିନେ ବେଜ୍, ଗ୍ରେ, ଲାଇଟ୍ ବ୍ରାଉନ୍ ଭଳି ନ୍ୟୁଟ୍ରାଲ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧି କମ୍ଫର୍ଟେବଲ୍ ଲୁକ୍ ପାଇପାରିବେ।

### ପରଫେକ୍ଟ କଲର୍ କମ୍ବିନେଶନ

- ଖରାଦିନେ ମିଣ୍ଟ ଗ୍ରୀନ୍ ସାଙ୍ଗକୁ କ୍ରିମ୍ କଲର୍‌ର ଆଉଟ୍‌ଫିଟ୍‌କୁ କମ୍ବାଇନ୍ କରି ଆଉଟଷ୍ଟାଣ୍ଡିଂ ଲୁକ୍ ପାଇପାରିବେ।
- ଫର୍ମାଲ୍ ତଥା କାଜୁଆଲ୍ ଲୁକ୍ ପାଇଁ ଖରାଦିନେ ବେଜ୍ ଓ ଲାଇଟ୍ ବ୍ଲୁର କମ୍ବିନେଶନ ଥିବା ଆଉଟ୍‌ଫିଟ୍‌କୁ ବି ଟ୍ରାଏ କରିପାରିବେ।
- ଧଳା ଓ ଲାଇଟ୍ ବ୍ଲୁ ଅବା ମିଣ୍ଟ ଗ୍ରୀନ୍ ଓ ଧଳା କଲର୍‌ର ଆଉଟ୍‌ଫିଟ୍‌କୁ ଖରାଦିନେ ପିନ୍ଧି ଫ୍ରେଶ୍ ଲୁକ୍ ବି ପାଇହେବ।

### କିଛି ଟିପ୍ସ

✲ ଖରାଦିନେ ପିନ୍ଧିବା ପାଇଁ କଟନ୍, ଲିନେନ୍, ରିୟନ୍ ଫାବ୍ରିକ୍‌ର ଆଉଟ୍‌ଫିଟ୍ ବେଷ୍ଟ ହୋଇଥାଏ। ଏହା ଝାଳକୁ ସହଜରେ ଶୋଷିନିଏ।

✲ ଖରାଦିନେ ଟାଇଟ୍ ଫିଟିଙ୍ଗ୍ ପରିବର୍ତ୍ତେ ଢିଲା ପୋଷାକ ପିନ୍ଧିଲେ ଥଣ୍ଡା ଅନୁଭବ ହୋଇଥାଏ।

✲ କଳା, ଡାର୍କ ବ୍ଲୁ ଭଳି ଡିପ୍ କଲର୍ ପରିବର୍ତ୍ତେ ଖରାଦିନେ ଯେତେ ହାଲ୍‌କା ଶେଡ୍ସର ଆଉଟ୍‌ଫିଟ୍ ପିନ୍ଧିବେ ସେତେ କମ୍ଫର୍ଟେବଲ୍ ଲାଗିବ।





# ସାହିତ୍ୟ ଓ ଶିକ୍ଷକତା ମୋ ଜୀବନର ଦୁଃଖ ଭୁଲାଇଛି



ଏକାଧାରରେ ଜଣେ ସାହିତ୍ୟିକ, ସ୍ତମ୍ଭକାର, କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାତା, ମଞ୍ଚ ପରିଚାଳକ ଓ ଶିକ୍ଷକ ହେଲେ **ଦ୍ୱିତୀ ଚନ୍ଦ୍ର ସାହୁ।** ପିତା ଉଦ୍ଧବ ସାହୁ ଓ ମାତା ରାଧାଦେବୀ ସାହୁ। ଜନ୍ମ ୦୩।୦୩।୧୯୭୭। ରାୟଗଡ଼ା ଜିଲାର ପଦ୍ମପୁର ତାଙ୍କ ଗାଁ। ନିଜ ଗାଁକୁ ଖୁବ୍ ବେଶି ଭଲ ପାଉଥିବା ଦ୍ୱିତୀ ଚନ୍ଦ୍ର କୁହନ୍ତି, ‘‘ଝୁମୁକା ବାଡ଼ିଠାରୁ ପାଟପୋକ ସଂଗ୍ରହ, ଦାସକାଠିଠାରୁ ପ୍ରହ୍ଲାଦ ନାଟକ, ଠାକୁରାଣୀ ଯାତ୍ରାଠାରୁ ଫାଲଗୁନ ଯାତ୍ରା ଓ ହୋଲି ସବୁଥିରେ ଜୀବନକୁ ଖୁବ୍ ଜିଇଛି। ନୀଳକଣ୍ଠେଶ୍ୱର ମନ୍ଦିର ପଥର କାନ୍ଥର ଲିପିଠାରୁ ଚାରିପଟର ପାହାଡ଼, ଝରଣା, ତୋଟା ବିଲ ଓ ଚାରିପାଖର ଜନଜାତି ସଂସ୍କୃତିରୁ ବହୁତ ଶିଖିଛି। ମୋତେ ସୃଜନ ମନସ୍କ କରିବାକୁ ବାଧ୍ୟ କରିଛି ମୋ ଗାଁର ପ୍ରକୃତି। ଗାଁ ଭିତରେ କେତେ ଯେ ସମ୍ପର୍କ। ସ୍ନେହ, ମମତା ଓ ଭାଇଚାରାର ଆପଣାପଣ। ବାପା ନ ଥିବା ବହୁ କୁଟୁମ୍ବୀ ପରିବାର ଚଳେଇବାର ଦାୟିତ୍ୱ ମାଆ ହାତରେ। ନିଜେ ଖଟିଛି ଓ ସଳିତା ଭଳି ଜଳିଛି ସେ। ଭୋକକୁ ମାରିଛି ପାଣି ଗିଲାସରେ ତଥାପି ହାତ ପତେଇବା ଶିଖେଇନି କେବେ କାହା ପାଖରେ। ପାଠ ପଢ଼ିଥିଲେ ପୁଅଝିଅ ନିଜ ଗୋଡ଼ରେ ସଳଖ ହୋଇ ଠିଆ ହେଇପାରିବେ। ଦୁଃଖ ଘୁଞ୍ଚିଯିବ। ତିନି ବଖୁରିଆ ମାଟି ଘରର ଅଭାବର ଦୁନିଆ ଭିତରେ ବି ବଡ଼ ଓ ଭଲ ମଣିଷ ହେବାର ସ୍ୱପ୍ନ ବୁଣାଏ ସେ ନିତି। ନୀତି ଓ ଆଦର୍ଶର କଥା କହେ ସବୁବେଳେ। ମୋର ଛୋଟ ଛୋଟ ଆଖି ଓ ଛୋଟ ଛୋଟ ମନରେ ଅସୁମାରୀ ସ୍ୱପ୍ନ ଭରିଯାଏ। ଅନ୍ୟର ସିମେଣ୍ଟ ଘର ଦେଖିଲେ ପିଲାଟି ଦିନରୁ ଭାବେ ସତରେ ଆମର ବି ସିମେଣ୍ଟ ପିଣ୍ଡାଟିଏ ଥାଆନ୍ତା। ଛାତ ଘରଟିଏ ଥିଲେ ବର୍ଷା ଋତୁରେ ନଡ଼ା ଛପର ଘରୁ ପାଣି ଗଳି ଘର ବି କାଦୁଅ ହୁଅନ୍ତାନି। କିନ୍ତୁ ସେମିତି କିଛି ହୁଏନି। ପିଲାଟି ଦିନରୁ ଇଞ୍ଜିନିଅର ହେବି ବୋଲି ସ୍ୱପ୍ନ ଦେଖୁଥିଲି। ପ୍ରଥମ ଶ୍ରେଣୀରେ ସବୁଠି ଉତ୍ତୀର୍ଣ୍ଣ ହେଲି। ସୌଭାଗ୍ୟକୁ ମାଇନିଂ ଇଞ୍ଜିନିଅରରେ ଭର୍ତ୍ତି ହେବା ଲାଗି ଦାଖଲା ପତ୍ର ବି ଆସିଲା। କିନ୍ତୁ ଜଏନ ହେବା, ରହିବା ଓ ଖାଇବା ଲାଗି ଅର୍ଥ ଯୋଗାଡ଼ ପରିବାର ପକ୍ଷେ ସମ୍ଭବ ନ ଥିବାରୁ ଶେଷରେ ଭାଗ୍ୟ ଟାଣି ନେଲା ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଆଡ଼କୁ। ଦୁଇ ବର୍ଷ ତାଲିମ ପରେ ବି ହାତକୁ ଆସିଲାନି ଶିକ୍ଷକ ଚାକିରି। ନିଯୁକ୍ତି ଏକପ୍ରକାର ବନ୍ଦ ହୋଇ ଯାଇଥିଲା ସେତେବେଳେ। ତା’ପରେ କିଛିଦିନ ସାମ୍ବାଦିକତା। ପରେ ଅବଶ୍ୟ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ମିଳିଲା। ଘରେ ପ୍ରଚୁର ଖୁସି। ମୋ ଆଖି ଲୁହରେ ଭରିଗଲା। ମୋର ଠିକ ମନେ ଅଛି ବିଦ୍ୟାଳୟରୁ ଫେରିଲାବେଳେ ମାଆ ବସିଥାନ୍ତି ମୋ ବାଟକୁ ଅନାଇ। ମୁଁ ଯାଇ ତାଙ୍କ ପାଖରେ ବସିଲି। ଆଉ ପକେଟରୁ ପ୍ରଥମ ଦରମା ଗଣ୍ଡାକ ବାହାର କରି ତାଙ୍କ ହାତରେ ଧରେଇଦେଲି। ସେ ଭୋ ଭୋ ହୋଇ କାନ୍ଦି ପକାଇଲେ। ମୁଁ ବି କାନ୍ଦିଲି। ସେ କହିଲେ : ‘‘ବାବୁରେ ! ଏ ଟଙ୍କା ଉପରେ ତୋର ହକ। ତୁ ମୋତେ ଆଣି ଧରେଇ ଦେଲୁ ମୁଁ ବହୁତ ଖୁସି। ତୋ ଚାକିରି ହୋଇଗଲା ପରେ ମୁଁ ଜାଣିଛି ଆମ ଘରର ଏଥର ଦୁଃଖ ଦୂର ହେବ।’’ ମୁଁ ମନାକଲି ଓ କହିଲି : ‘‘ମାଆ ! ତୁମ ପାଇଁ ମୁଁ ଏତେ ଦୂରକୁ ଆସିପାରିଛି। ଏସବୁ ତୁମ ହାତରେ ଦେଲି। ତୁମେ ଯାହା କରୁଛ କର।’’







ବଡ଼ ଭାଇ କୀର୍ତ୍ତି ଚନ୍ଦ୍ର ସାହୁ ବୃତ୍ତିରେ ସାମ୍ବାଦିକ। ମୋର ଅକ୍ଷର ଛୋଟ ଓ ଖୁବ ସୁନ୍ଦର। ସେଥିପାଇଁ ସେ ଖବର ଡାକନ୍ତି ଓ ମୁଁ ତାକୁ କାଗଜରେ ଲେଖେ। ସେମିତି ଲେଖିବା ଭିତରେ ଅଭ୍ୟାସ ହୋଇଗଲା ଲେଖାଲେଖି। ନ୍ୟୁଜ ଲେଖାରୁ ଆରମ୍ଭ ହେଲା ଖବରକାଗଜ ପାଇଁ ଫିଚର ଓ ସ୍ତମ୍ଭ ଲେଖା। ଏଯାବତ ଦୀର୍ଘ କୋଡ଼ିଏ ବର୍ଷ ଧରି ଧରିତ୍ରୀରେ ନିୟମିତ ସ୍ତମ୍ଭ ଲେଖି ଆସୁଛି। ବିଭିନ୍ନ ପତ୍ରପତ୍ରିକାରେ ଗପ ଓ କବିତା ପ୍ରକାଶିତ ହେଉଛି। ଆକାଶବାଣୀ ଜୟପୁର ଯୁବବାଣୀରେ ବି ମୋର ଗପ ଓ କବିତା ପ୍ରସାରିତ ହୋଇଛି। ମୁଁ ଭାବେ, ଯାହା ଗପ ଓ କବିତାରେ କୁହାଯାଇପାରେନି ତାକୁ ସ୍ତମ୍ଭରେ ସହଜରେ ପାଠକ ନିକଟରେ ପହଞ୍ଚାଯାଇପାରେ। ସାମାଜିକ ବିଲକ୍ଷଣ, ପ୍ରଶାସନିକ ଅସଂଗତି, ଐତିହ୍ୟ, ସଂସ୍କୃତି, ପରମ୍ପରାର କଥା ହେଉ କି ହଜିଲା ଦିନ ସ୍ମୃତି, ଅନେକ ଚିତ୍ର ଓ ଚରିତ୍ରକୁ ମନ ମୁତାବକ ପାଠକ ନିକଟରେ ପରଷା ଯାଇପାରେ ବୋଲି ସ୍ତମ୍ଭ ଲେଖୁଛି। ସ୍ତମ୍ଭ ବ୍ୟତୀତ ଜନଜାତି ଗବେଷଣାପ୍ରସୂତ ଲେଖା, ଶିଶୁ ଲେଖା, ପ୍ରବନ୍ଧ, ଉପନ୍ୟାସ, କ୍ଷୁଦ୍ର ନାଟକ ଆଦି ଲେଖିବା ମୋର ରୁଚି। କିଛି ନ ଲେଖିପାରିଲେ ମନରେ ତୀବ୍ର ଆନ୍ଦୋଳନ ହୁଏ। ନିଜ ଉପରେ ବିରକ୍ତ ଲାଗେ। ପରେ ପରେ ସମୟ ପୁଣି ସୁଯୋଗ ସୃଷ୍ଟି କରେ ମୋ ଦ୍ୱାରା କିଛି ଲେଖାଇ ନେବାକୁ। ଏଯାବତ ମୋର ୨୮ ଖଣ୍ଡ ବହି ପ୍ରକାଶିତ ହୋଇଛି। ଲେଖାଲେଖି ସହ ବିଭିନ୍ନ ସେମିନାରରେ ନିଜର ସନ୍ଦର୍ଭ ଉପସ୍ଥାପନା କରିବା, ଅଭିନୟ, ମଞ୍ଚ ପରିଚାଳନା, କ୍ଷୁଦ୍ର ଚଳଚ୍ଚିତ୍ର, ପ୍ରାମାଣିକ ଚିତ୍ର ନିର୍ମାଣ, ବକ୍ତା ଭାବେ ଯୋଗଦାନ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟରେ ବି ଯୋଗଦାନ କରିଥାଏ। ବିଭିନ୍ନ ପ୍ରସଙ୍ଗ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବାରେ ଆଗ୍ରହ ରଖିବା ସହ ଶିକ୍ଷା ଓ ଶିକ୍ଷଣକୁ ନେଇ ନିତ୍ୟ ନୂତନତାକୁ ଆପଣେଇବାରେ ବିଶେଷ ଆଗ୍ରହ ରହିଛି। ପିଲାଙ୍କ ସହ ମଜ୍ଜି ହୋଇ ରହିବାରେ ଅପାର ଆନନ୍ଦ ମିଳୁଛି।

ଶିକ୍ଷା ଓ ସାହିତ୍ୟ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସମ୍ମାନ ରାଷ୍ଟ୍ରପତି ଶିକ୍ଷକ ସମ୍ମାନ ୨୦୨୪ରେ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ରାଜ୍ୟପାଳ ଶିକ୍ଷକ ସମ୍ମାନ ସହ ଶ୍ରେଷ୍ଠ ସରକାରୀ କର୍ମଚାରୀ ସମ୍ମାନ ମଧ୍ୟ ପାଇଛନ୍ତି। ସେହିଭଳି ସାହିତ୍ୟ ପାଇଁ ବି ସମ୍ମାନିତ ହୋଇଛନ୍ତି। ଧରିତ୍ରୀରେ ଲେଖିଥିବା ଏକ ସ୍ତମ୍ଭ ‘ଝିଅ କେବଳ ଝିଅ ନୁହେଁ’ ପାଇଁ ଜାତୀୟ ଲାଡଲି ମିଡିଆ ଆୱାର୍ଡ ପାଇଛନ୍ତି।





ଏସବୁ ଭିତରେ ଦୁଃଖ କିନ୍ତୁ ତାଙ୍କ ଜୀବନର ଚିର ସହଚର ଯେମିତି। ଦାରିଦ୍ର୍ୟ ପିଲାଟି ଦିନରୁ ବଇରୀ ସାଜିଥିବାବେଳେ ଛୋଟ ବେଳୁ ବାପାଙ୍କୁ ହରାଇବା ସହ ମାତ୍ର ପାଞ୍ଚ ବର୍ଷର ସାଂସାରିକ ଜୀବନ ପରେ କୁନି ପୁଅକୁ ଛାଡି ସ୍ତ୍ରୀଙ୍କ ଦେହାନ୍ତ, ତା’ପରେ ପୁଣି ତାଙ୍କ ମା’ଙ୍କ ଦେହାନ୍ତ ତାଙ୍କୁ ଯେମିତି ପଥର କରିଦେଇଛି। ସେ କୁହନ୍ତି, ‘ଯେବେ ଯେବେ ବାପାମାଆ, ସ୍ତ୍ରୀ ପରିବାର, କୈଶୋର ପୁଅ ଓ ପିଲାଦିନର କଥା ମନେ ପଡ଼େ ଆଖିରେ ଲୁହ ଜକେଇ ଆସେ। ଆଉ ଏଇ ଲୁହ ମୋତେ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଆଗକୁ ବଢିବାକୁ ସାହସ ଦିଏ।





## ପାଞ୍ଚୋଟି ଏକପଦୀ

**-ଡ.ଭରତ ଚନ୍ଦ୍ର ଦାଶ**

**ବି**କ୍ଷୋଜ ଉତ୍ପଳ ବକ୍ଷେ ଢଳଢଳ
ତନୁ ସରସୀର ନୀରେ
ପ୍ରଣୟୀ ତୁମର ଅତନୁ ଅଧୀର
ପ୍ରଣୟିନୀ ପ୍ରୀତି ଧାରେ ।

**ଦୁଇ**

ଅନନ୍ୟ ତୁମର ଦେହ ଦେଉଳର
ଜୀବନ୍ତ ପ୍ରୀତିର ଚିତ୍ର
ମୋ ଦେହରେ ଜଳେ ଅନଙ୍ଗ ଅନଳ
ଦହନେ ଜଳୁଛି ଗାତ୍ର ।

**ତିନି**

ତୁମ ଗାଁ ଡେଇଁ ବରଷା ଆସିଛି
ଭିଜାଇ ତୁମର ଦେହ
ମୋ ଦେହକୁ ଯେବେ ବରଷା ଛୁଇଁଲା
ସୁଗନ୍ଧରେ ମହମହ ।

**ଚାରି**

ବରଷା ଦେଇଛି ମୋ ଦେହରେ ପ୍ରୀତି
କହିନି କାହାକୁ ଥରେ
ମୋ ଦେହରେ ଯେବେ ତା ପରଶ ଲାଗେ
ପ୍ରାଣେ ମୋ ଶୀତଳ ଭରେ ।

**ପାଞ୍ଚ**

ନୀରବତା ପ୍ରାଣେ ଦେଉଛି କଷଣ
ତୁମେ କି ଜାଣନା ସହି
ପ୍ରୀତି ବିନା ଦେହ ଅଟେ ଦୁର୍ବିଷହ
ଏଯାଏ ପାରିନି କହି ।


*- ମାର୍କୋଣା, ବାଲେଶ୍ୱର*
*ମୋ: ୮୯୮୪୪୩୯୧୬୬*

# ଦୀପର ଛାୟା

ମୂଳ ତାମିଲ-**ଏସ୍. ରଙ୍ଗରାଜନ**
ଅନୁବାଦ-**କନକ ମଞ୍ଜରୀ ସାହୁ**

**ରା**ତି ହୋଇଯାଇଥିଲା । ଚେନ୍ନାଇ ସହର ଧୀରେ ଧୀରେ ଶାନ୍ତ ହେଉଥିଲା, କିନ୍ତୁ ରାମନଙ୍କ ଘରେ ଗୋଟିଏ ଦୀପ ଏବେ ମଧ୍ୟ ଜଳୁଥିଲା ।

ସେ ଟେବୁଲ ପାଖରେ ବସିଥିଲେ, ପୁରୁଣା ଡାଏରି ସବୁ ଖୋଲି ଦେଖୁଥିଲେ । ପୃଷ୍ଠାଗୁଡ଼ିକ ହଳଦିଆ ହୋଇଯାଇଥିଲା । କିନ୍ତୁ ସେଥିରେ ଲେଖା ସ୍ମୃତିସବୁ ଏବେ ମଧ୍ୟ ତାଜା ଥିଲା ।



ସେହି ଡାଏରି ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କର ଥିଲା । ଲକ୍ଷ୍ମୀ ଜୀବନକୁ ଛୋଟ ଛୋଟ ଖୁସିରେ ଭରିଦେଉଥିଲେ । ଘରର ପ୍ରତ୍ୟେକ କୋଣରେ ତାଙ୍କ ହସ ଗଜୁରି ଉଠୁଥିଲା । କିନ୍ତୁ ଦୁଇବର୍ଷ ପୂର୍ବେ ସେ ହଠାତ୍ ଚାଲିଗଲେ । ତା’ ପରଠାରୁ ଘରଟା ଯେମିତି ଅଧା ହୋଇଗଲା ।

ରାମନ ପ୍ରତିଦିନ ସେଇ ଡାଏରିକୁ ପଢୁଥିଲେ, ଯେମିତି ସେ ତାଙ୍କ ସହିତ କଥା ହେଉଛନ୍ତି । ଗୋଟିଏ ପୃଷ୍ଠାରେ ଲେଖାଥିଲା, ‘‘ଯଦି ମୁଁ କେବେ ଏହି ଦୁନିଆ ଛାଡ଼ି ଚାଲିଯାଏ, ତା’ହେଲେ ତୁମେ ଏହି ଦୀପଟିକୁ ଜଳାଇ ରଖିବ । ଏହା ତୁମକୁ ମନେପକାଇଦେବ । ଆଲୋକ କେବେ ବି ଲିଭେଇବ ନାହିଁ ।’’

ରାମନ ସେହି ଦୀପ ଆଡ଼କୁ ଚାହିଁଲେ । ସେ ବୁଝିଲେ, ସେ କେବଳ ଗୋଟିଏ ଦୀପକୁ ନୁହେଁ, ଏକ ସ୍ମୃତିକୁ ଜଳାଇ ରଖିଛନ୍ତି । କିନ୍ତୁ ଏହି ସ୍ମୃତି ତାଙ୍କୁ ବଞ୍ଚାଇଛି, ନା ସେହି ସ୍ମୃତିରେ ତାଙ୍କୁ ବନ୍ଦ କରାଯାଇଛି ?

ସେ ଧୀରେ ଉଠିଲେ ଏବଂ ଦୀପ ପାଖକୁ ଗଲେ । କିଛି କ୍ଷଣ ପାଇଁ ତାଙ୍କ ହାତ ରହିଗଲା । ତା’ପରେ ସେ ଝରକା ଖୋଲିଦେଲେ । ବାହାରର ପବନ ଭିତରକୁ ପଶିଆସିଲା ।

ଦୀପର ଶିଖା ହାଲୁକା ଭାବେ ହଲିଲା କିନ୍ତୁ ଲିଭିଲା ନାହିଁ । ରାମନ ହସିଲେ ହୁଏତ ପ୍ରଥମ ଥର ପାଇଁ ।

ସେ ବୁଝିଲେ, ସ୍ମୃତିକୁ ବଞ୍ଚାଇ ରଖିବା ମାନେ ଜୀବନକୁ ବନ୍ଦ କରିଦେବା ନୁହେଁ, ସେହି ଆଲୋକରେ ଆଗକୁ ବଢ଼ିବା ।

*-ଶ୍ରାବଣୀ ରେସିଡେନ୍ସୀ, ୧୧୪୪,*
*ଗଡ଼ସାହି, ନୟାପଲ୍ଲୀ,ଭୁବନେଶ୍ୱର*
*ମୋ:୯୪୩୯୭୫୦୩୭୮*

## ସର୍ତ୍ତ

**-ବୀର କିଶୋର ମହାନ୍ତି**

**ଶ**ରତ ସକାଳେ ଆସିବନି ତୁମେ
କାନ୍ଦିବ ଗଙ୍ଗଶିଉଳି,
ଗୋଧୂଳି ଲଗନେ ଆସିବନି ପ୍ରିୟା
ମଲ୍ଲୀ ବି ଯିବ ମଉଳି ।
ଶ୍ରାବଣୀ ତିଥିରେ ମେଘକନ୍ୟା ସାଜି
ଦେବ ନାହିଁ କେବେ ପାଦ,
ବସୁଧା କାନ୍ଦିବ ତୁମ ଛନ୍ଦ ଦେଖି
ଜହ୍ନ ଗଣିବ ପ୍ରମାଦ ।

*- ଝାରପଡ଼ା, ଭୁବନେଶ୍ୱର*
*ମୋ: ୮୪୮୦୩୪୯୬୯୦*

## ଦୁଃଖ

**-ଡ଼. ନିର୍ମଳ ଚନ୍ଦ୍ର ଶୂରଦେଓ**

**ଦୁଃ**ଖ ସୁଖ ର
ବଳୟ ଭିତରେ
ବଞ୍ଚି ରହିଚି
ଆମର ଜୀବନ ।

ସୁଖ ପାଖକୁ ଗଲାବେଳେ
ଦୁଃଖ ର କଣ୍ଟା
ଅଜାଣତେ ବାଜିଯାଏ
ସୁଖ ପାଖରୁ ଫେରିଆସି
ବାନ୍ଧି ହୋଇ ରହିଯିବାକୁ ହୁଏ
ଦୁଃଖ ପାଖରେ ।

ବେଳେବେଳେ ଦୁଃଖର
ପାହାଚରେ ବସି
ଅନାଇ ରହିବାକୁ ପଡେ
କେତେବେଳେ ସୁଖର ସୁଆଦକୁ
ଆମେ ଉପଭୋଗ କରିବା
ଆଉ ବର୍ତ୍ତିଯିବା
ଏଇ ଦୁଃଖର ବନ୍ଧନରୁ ।

ଦୁଃଖ ଅମୃତ ନହୋଇପାରେ
କିନ୍ତୁ ଗରଳ ନୁହେଁ
ଦୁଃଖରେ ଦୁଃଖରେ ଜିଇଁବାରେ
ଗୋଟାଏ ମାଦକତା ଥାଏ
ଜୀବନକୁ ପରସ୍ତ ପରସ୍ତ କରି
ଚିହ୍ନିବା ପାଇଁ
ଦୁଃଖ ଆମକୁ ବାଟ ଦେଖାଏ ।

*- ନୟାଗଡ*
*ମୋ: ୯୯୩୮୩୦୯୬୫୨*



# ମନ ବଳାଇଛନ୍ତି ଅନନ୍ୟା



ଅନନ୍ୟା

ଚଙ୍କି ତନୟା ଅନନ୍ୟାଙ୍କ ମନକୁ ଏକ କଥା ଆସିଛି। ଏହାକୁ ନେଇ ସେ ମଧ୍ୟ ସିରିୟସ ହୋଇପଡିଛନ୍ତି। ହେଲେ ତାହା କ'ଣ ଜାଣିବେନି ? ଭାବୁଛନ୍ତି କି ସେ ହାତକୁ ଦି' ହାତ ହେବେ ? ନା, ସେକଥା ନୁହେଁ। ଏକ ଆକ୍ସନଭିତ୍ତିକ ଫିଲ୍ମରେ ଲିଡ୍ ରୋଲ୍ କରିବାକୁ ସେ ଆଶା ରଖିଛନ୍ତି। ପୁଣି ଏହି ଫିଲ୍ମର କାହାଣୀ ସମ୍ପୂର୍ଣ୍ଣ ଭାବରେ ଜଣେ ମହିଳା ଉପରେ କେନ୍ଦ୍ରୀତ ଥିବ। ଏ ବିଷୟରେ ଅନନ୍ୟା ପାଣ୍ଡେ କହନ୍ତି, ''ନିକଟରେ ମୁଁ ଏକ ହଲିଉଡ୍ ଥ୍ରୀଲର ମୁଭି ଦେଖୁଥିଲି। ଏଥିରେ ଥିବା ଆକ୍ସନ ସିନ୍ ଦେଖି ମୁଁ ବେଶ୍ ଇମ୍ପ୍ରେଶ ହେଲି। ଭାବୁଛି ମୋତେ ଯଦି ଏମିତି ଏକ ସିନେମାରେ ରୋଲ୍‌ଟିଏ ମିଳନ୍ତା ଭାରି ଭଲ ହୁଅନ୍ତା। ହେଲେ ଏ ନେଇ ମୁଁ କେବଳ ଭାବିଦେଲେ ତ ହେବ ନାହିଁ, ଅଫରଟିଏ ମିଳିବା ହେଉଛି ବଡ କଥା। ଆହୁରି ମଧ୍ୟ ଭାବୁଛି ଯେ, ଏକ ନାରୀ କେନ୍ଦ୍ରୀକ ଆକ୍ସନଭରା କାହାଣୀଟିଏ ଖୋଜିବି। ତାହା ମିଳିଗଲା ପରେ ଯଦି କୌଣସି ପ୍ରଯୋଜକ ତାହାକୁ ଆଧାର କରି ସିନେମାଟିଏ ନିର୍ମାଣ କରନ୍ତି, ଆଉ ମୁଁ ତାହାର ଲିଡ୍ ରୋଲ୍‌ରେ ଅଭିନୟ କରେ ତେବେ ଅଧିକ ଖୁସି ହେବି। ଏ ନେଇ ଅନନ୍ୟା ସିନା ମନ ବଳାଇଛନ୍ତି, ହେଲେ ତାହା କେତେ ସକସେସ୍ ହେଉଛି ସେକଥା ଆଗାମୀ ସମୟ ହିଁ କହିବ।

# ଶେଷରେ ରାଜି ହେଲେ ଜନ୍



ଜନ୍

ଜନ୍ ଆବ୍ରାହମ ଏକାଧାରରେ ଜଣେ ମଡେଲ, ପ୍ରଯୋଜକ ଏବଂ ଅଭିନେତା। କିନ୍ତୁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ଜଣେ ମିଡିଆ ପ୍ଲାନର ଭାବରେ କାମ କରୁଥିଲେ। ଜନ୍‌ଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଜିସ୍ମ', ଯାହା ୨୦୦୩ରେ ରିଲିଜ ହୋଇଥିଲା। ଏହାର ପୋଷ୍ଟ ପ୍ରଡକ୍ସନ ସମୟରେ ଏକ ଘଟଣା ଘଟିଥିଲା। ଫିଲ୍ମର ଭଏସ୍ ଡବିଂ ସମୟରେ ନିର୍ଦ୍ଦେଶକ ଅମିତ ସକ୍‌ସେନାଙ୍କ ଏକ କଥାକୁ ଜନ୍ ଗ୍ରହଣ କରିବାକୁ ପ୍ରଥମେ ରାଜି ନ ଥିଲେ। ଏହି ଫିଲ୍ମରେ ତାଙ୍କର ଭଏସ୍ ଆଉ ଜଣେ ଡବିଂ କରିବା ଠିକ୍ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେବା ପରେ ଜନ୍ ଦୋଛକିରେ ପଡିଯାଇଥିଲେ। ହେଲେ ଶେଷକୁ ବାଧ୍ୟ ହୋଇ ରାଜି ହୋଇଥିଲେ। ପୂଜା ଭଟ୍ଟଙ୍କ ପ୍ରଯୋଜିତ ଏହି ଫିଲ୍ମର ନାୟିକା ସାଜିଥିଲେ ବିପାଶା ବସୁ। ଏଥିରେ ଥିବା ବୋଲ୍ଡ ଦୃଶ୍ୟକୁ ନେଇ ସେ ସମୟରେ ବେଶ୍ ଚର୍ଚ୍ଚା ହୋଇଥିଲା। ୩୨କୋଟି ବଜେଟ୍‌ରେ ପ୍ରସ୍ତୁତ 'ଜିସ୍ମ' ବକ୍ସ ଅଫିସରେ ୧୩୪କୋଟି ଆୟ କରିବାରେ ସକ୍ଷମ ହୋଇଥିଲା। ସୁପରବାଇକ୍ ଏବଂ ମୋଟରସାଇକେଲ କିଣିବା ଏବଂ ଚଲାଇବା ତାଙ୍କର ଏକ ଅଭ୍ୟାସ। ଜନ୍‌ଙ୍କୁ ପ୍ରଥମେ 'ଏତ୍‌ବାର' ଟାଇଟଲବିଶିଷ୍ଟ ଏକ ଫିଲ୍ମରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା, କିନ୍ତୁ ତା' ପୂର୍ବରୁ 'ଜିସ୍ମ' ରିଲିଜ ହୋଇଥିଲା।

# ନୋ ଲିପ୍-ଲକ୍ ସିନ୍

କାଜଲ ଅଗ୍ରୱାଲ କେବଳ ତାମିଲ ନୁହେଁ, ତେଲୁଗୁ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। କିନ୍ତୁ ସିନେମାଟିଏ ସାଇନ୍ କରିବା ପୂର୍ବରୁ ସେ ଏହାର କାହାଣୀ, କାଷ୍ଟିଂ, ଗୀତ, ସଂଳାପ ଏବଂ ବଜେଟ୍ ତଥା ନିଜର ରେମ୍ୟୁନରେଶନ ବିଷୟରେ ଭଲ ଭାବରେ ଆଲୋଚନା କରନ୍ତି। ପ୍ରତିଟି ଅଫର ସାଇନ୍ କରିବା ପୂର୍ବରୁ ତାଙ୍କର ଗୋଟିଏ ଟର୍ମ ଆଣ୍ଡ କଣ୍ଡିସନ ଥାଏ। ତାହା କ'ଣ ଜାଣିବେନି ? କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସେ ସଫା ସଫା ଗୋଟିଏ ଜିନିଷ ତାଙ୍କ ଭୂମିକାରୁ ବାଦ୍ ଦେବାକୁ ସୂଚାଇ ଦିଅନ୍ତି। ସେଥିରେ ଯେମିତି ହେଲେ ଗୋଟିଏ ଲିପ୍-ଲକ୍ ଶଟ୍ ନ ଥିବ। ଏ ବିଷୟରେ କାଜଲ କହନ୍ତି, ''ଲିପ୍-ଲକ୍ ଶଟ୍‌କୁ ମୁଁ ପସନ୍ଦ କରି ନ ଥାଏ। କାରଣ ଏଗୁଡିକ ଶସ୍ତା ଲୋକପ୍ରିୟତା ବୋଲି ମୁଁ ଭାବେ। ଭଲ କାହାଣୀ,ଏହାର ସଠିକ୍ ଉପସ୍ଥାପନା, ନିଖୁଣ ନିର୍ଦ୍ଦେଶନା ଏବଂ କଳାକାରଙ୍କ ଅଭିନୟ ଫିଲ୍ମକୁ ମାଇଲେଜ ଦେଇଥାଏ। ଫିଲ୍ମରେ ଯେ ୨-୩ଟି ଲିପ୍-ଲକ୍ ବା ଚୁମ୍ବନ ଦୃଶ୍ୟ ରଖିଲେ ଫିଲ୍ମଟି ହିଟ୍ ହେବ ପ୍ରଥମେ ଏଭଳି ଧାରଣା ମନରୁ ଦୂର କରିବା ଆବଶ୍ୟକ। ତେଣୁ ପ୍ରଥମରୁ ହିଁ ମୁଁ ଏ ବିଷୟରେ ପ୍ରଯୋଜକଙ୍କୁ ସୂଚାଇ ଦେଇଥାଏ।'' କେବଳ ଅଭିନୟ ନୁହେଁ, କାଜଲ ବିଜନେସ୍ ସହ ମଧ୍ୟ ଜଡିତ। ଆଉ ଏସବୁକୁ ତାଙ୍କର ମା' ସୁମନ ଅଗ୍ରୱାଲ ବୁଝାସୁଝା କରନ୍ତି। କାଜଲ କଦାପି ଆମିଷ ଖାଆନ୍ତି ନାହିଁ। ପିଲାଟି ଦିନରୁ ସେ ଭେଜିଟେରିଆନ୍।



କାଜଲ ଅଗ୍ରୱାଲ

# କରୀନାଙ୍କ ଫିଟ୍‌ନେସ୍ ରହସ୍ୟ

ବଲିଉଡ୍‌ରେ କେବଳ ଅଭିନୟ ନୁହେଁ, ତାଙ୍କର ଜିରୋ ସାଇଜ ଫିଗରକୁ ନେଇ ବେଶ୍ ଚର୍ଚ୍ଚା ହୁଏ। ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ କରୀନା ସବୁବେଳେ ଏକ ବ୍ୟବସ୍ଥିତ ରୁଟିନ୍ ଅନୁସରଣ କରନ୍ତି। ସବୁଠାରୁ ଖାସ୍ କଥା ହେଲା, ଏହି ରୁଟିନରେ ସେ କଦାପି ବ୍ୟତିକ୍ରମ କରନ୍ତି ନାହିଁ। ଯେତେ ଯାହା ହେଲେ ମଧ୍ୟ ସେ ସନ୍ଧ୍ୟା ୬.୩୦ ସୁଦ୍ଧା ନିଜର ଡିନର ଶେଷ କରନ୍ତି। କେବଳ ସେତିକି ନୁହେଁ ରାତି ୯.୩୦ରେ ଶୋଇବାକୁ ଯାଆନ୍ତି। ଏହାବ୍ୟତୀତ ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟାମ ଏବଂ ଖାଦ୍ୟପେୟ ପ୍ରତି ସତର୍କତା ତାଙ୍କର ଦୈନନ୍ଦିନ ରୁଟିନ୍‌ରେ ଅନ୍ତର୍ଭୁକ୍ତ। ଏ ବିଷୟରେ କରୀନା କହନ୍ତି, ''ମୁଁ ମୋ ଡେଲି ରୁଟିନ୍‌କୁ ନେଇ ବେଶ୍ କନ୍‌ସନ୍। ସେହି ଅନୁସାରେ ହିଁ, ମୁଁ ମୋ କାମ ଫିକ୍ସ କରିଥାଏ। 'ମୁଁ ଫିଟ୍ ରହିବି'-ଏକଥା କେବଳ କହିଦେଲେ ହେବ ନାହିଁ, ଏଥିଲାଗି ଅନେକ କଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏବେ ମଧ୍ୟ ମୁଁ ନିଜକୁ ଫିଟ୍ ରଖିବା ପାଇଁ ଯାହା କିଛି କରିବାକୁ ପଡେ ତାହା କରେ।'' ଆଉ ଗୋଟିଏ କଥା ଜାଣନ୍ତି ? ମହେଶ ଭଟ୍ଟଙ୍କ ପ୍ରଯୋଜିତ ତଥା ରାହୁଲ ରୟ ଏବଂ ଅନୁ ଅଗ୍ରୱାଲଙ୍କ ପ୍ରଥମ ସିନେମା 'ଆଶିକୀ'କୁ କରୀନା ୮ଥର ଦେଖିଛନ୍ତି।



କରୀନା

# ମନେ ପଡୁଛି 'ଗୀତା ଗୋବିନ୍ଦମ'

ତେଲୁଗୁ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ଯୋଡି ହେଉଛନ୍ତି ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା। ବେଶ୍ କେତୋଟି ସିନେମାରେ ମିଛି ମିଛିକା ବିବାହ କରିଥିଲେ ମଧ୍ୟ ଚଳିତ ବର୍ଷ ଫେବୃୟାରୀ ୨୬ରେ ଦୁହେଁ ସତସତିକା ଘର ସଂସାର କରିଛନ୍ତି। ବେଶ୍ କିଛି ବର୍ଷ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେଉଥିଲା। ଶେଷରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଦୁହେଁ ବିବାହ କରିସାରିଛନ୍ତି ଏବଂ ବେଶ୍ ହସଖୁସିରେ ବୈବାହିକ ଜୀବନ ଅତିବାହିତ କରୁଛନ୍ତି। ମ୍ୟାରେଜ ପରେ ଚଳିତ ମାସ ୫ ତାରିଖରେ ରଶ୍ମିକା ନିଜର ୩୦ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସେ ନିଜର କେତେଜଣ ସାଙ୍ଗଙ୍କୁ ନିମନ୍ତ୍ରଣ କରିଥିଲେ। ଏଥିରେ ଦୁଇ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ଉଭୟ ରଶ୍ମିକା ଏବଂ ବିଜୟ ନିଜ ଅଭିନୟ ଜୀବନର ସ୍ମରଣୀୟ ଘଟଣାକୁ ବଖାଣିବାକୁ ଭୁଲି ନ ଥିଲେ। ଏହି ସମୟରେ ରଶ୍ମିକା କହିଥିଲେ, ''ଆମ ଯୋଡିକୁ ନେଇ ନିର୍ମିତ 'ଗୀତା ଗୋବିନ୍ଦମ' ସୁପର ଡୁପର ହିଟ୍ ହୋଇଥିଲା। ଏହି ଫିଲ୍ମଟି ଆମ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାଜିଥିଲା। ଫିଲ୍ମଟି ଏକ ଶୁଭ ଦିନରେ ମଧ୍ୟ ରିଲିଜ ହୋଇଥିଲା। ୨୦୧୮ ଅଗଷ୍ଟ ୧୫ରେ ଏହା ପରଦା ଉପରକୁ ଆସିଥିଲା।'' ଏହି ଫିଲ୍ମର ବଜେଟ୍ ଥିଲା ମାତ୍ର ୫କୋଟି। ରିଲିଜ ହେବାପରେ ଚିତ୍ରଟି ୧୩୨କୋଟି ଆୟ କରିଥିଲା।



ବିଜୟ-ରଶ୍ମିକା

# ବ୍ୟସ୍ତ ଅଛନ୍ତି ଭାରତ

ଯାହାହେଉ, ଗତ କିଛି ଦିନ ଧରି ଭାରତ ପୁଷ୍ପରାଗ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ଗତବର୍ଷ ଶେଷାର୍ଦ୍ଧରେ ନିଜ ଅଭିନୀତ ପ୍ରଥମ ସିନେମା 'ଦର୍ପଣ' ରିଲିଜ ହେବା ପରେ ଏବେ ସେ 'ଅଶାନ୍ତ' ଟାଇଟଲବିଶିଷ୍ଟ ଏକ ନୂଆ ସିନେମାର ପ୍ରାକ୍-ପ୍ରସ୍ତୁତିକୁ ନେଇ ବ୍ୟସ୍ତ ଅଛନ୍ତି। ବର୍ତ୍ତମାନ ଏହାର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି ଏବଂ ଚିତ୍ରଟିର ଶୁଟିଂ ବିଷୟରେ ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେ ଏହାର ଟାଇଟଲ ଭୂମିକାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି। ତେବେ ଏଥିରେ ନାୟିକା ଭାବରେ କିଏ ତାଙ୍କ ସହ ସ୍କ୍ରିନ୍ ସେୟାର କରିବ ସେ ନେଇ ଟିକେ ଟେନ୍‌ସନ୍‌ରେ ଥିଲେ। ଯାହାହେଉ ତାଙ୍କୁ ଶେଷରେ ତାଙ୍କ ମନ ପସନ୍ଦର ଅଭିନେତ୍ରୀ ମିଳିଯାଇଛନ୍ତି। ସେ ହେଲେ ଯୁକ୍ତା ରକ୍‌ସିତ। ଏହାପୂର୍ବରୁ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ହିଟ୍ ସିନେମା 'ସ୍ୱୟଂସିଦ୍ଧା'ରେ ସେ ନାୟିକା ଭାବରେ ଅଭିନୟ କରିଥିଲେ। ଭାରତଙ୍କ ନୂଆ ଚଳଚ୍ଚିତ୍ରଟିର ପ୍ରଯୋଜନା କରୁଛନ୍ତି ସଞ୍ଜୟ ଚୌଧୁରୀ। ଭାରତ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। କାହାଣୀ ଅନୁସାରେ ଅଶାନ୍ତ ଜଣେ ସାଧାରଣ ଯୁବକ। ଆଇପିଏସ୍ ପାଇଁ ସେ ପ୍ରସ୍ତୁତ ହେଉଥିବା ବେଳେ ଏଭଳି ଲକ୍ଷ୍ୟ ପଥରେ ଆଗଉଥିବା ଜଣେ ଯୁବତୀ ସହ ଭେଟ ହୋଇଛି। ବାସ୍ ତା'ପରେ କ'ଣ ହେଉଛି ଏବଂ କାହାଣୀ କିପରି ଭିନ୍ନ ମୋଡ ନେଉଛି ତାହା ଦର୍ଶକ ବଡ ପରଦାରେ ଦେଖିବାକୁ ପାଇବେ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।

ଯୁକ୍ତା ରକ୍‌ସିତ-ଭାରତ ପୁଷ୍ପରାଗ



# ସରସ୍ୱତୀ ପୂଜା ଆସିଲେ ପ୍ରଥମ ରୋଜଗାର କଥା ମନେପଡ଼େ

## ପ୍ରଥମ ରୋଜଗାର



**ସାହିତ୍ୟିକ ତଥା ସମ୍ପାଦକ ପୀତାମ୍ବର ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ବୃତ୍ତି ମୋର ଚାଷ, ହେଲେ ପ୍ରବୃତ୍ତିରେ ମୁଁ ଜଣେ ସାହିତ୍ୟିକ। ବାପାଙ୍କର ଚାରି ଏକର ଧାନଜମି ଥିଲା। ହାତରେ ଚାଷ ହଉଥିଲା। କୋଠିଆ ଥିଲେ। ବାପା ବାହାରେ ଚାକିରି କରୁଥିବାରୁ ବୋଉ ଚାଷ କଥା ବୁଝୁଥିଲା। ଆମେ ଚାରିଭାଇ ଓ ଗୋଟିଏ ଭଉଣୀ। ପରିବାରରେ ବଡ଼ ବୋଲି ପାଠପଢ଼ା ସହ ବୋଉ କଥାରେ କୋଠିଆ ସହ ବିଲକୁ ଯାଉଥିଲି। ଧାନ ବୁଣିବା, ତଳି ପକାଇବା, ହିଡ଼ କତିକରିବା, ମୁଗ ବୁଣିବା ଆଦି କାମ ଶିଖି ଯାଇଥିଲି। ବୋଉ ବି ସାଙ୍ଗରେ ଯାଉଥିଲା ବିଲକୁ। ବାପାଙ୍କ ଦରମା ଟଙ୍କା, ଧାନ ମୁଗର ଆୟ ଓ ନଡ଼ିଆ ବିକ୍ରିର ଆୟ ସବୁ ବୋଉ ପାଖରେ ରହୁଥିଲା। ଘରର ସମସ୍ତ କଥା ବୁଝି ସେ ଆମକୁ ପାଠ ବି ପଢ଼ାଉଥିଲା। କ୍ରମଶଃ ଆମେ ବଡ଼ ହେଲୁ। ବାପା ଅବସର ପରେ ଆସି ଘରେ ରହିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଏମ୍.ଏ. ପାଶ୍ କଲା ପରେ ମୁଁ ଚାକିରି ପାଇଁ ଉଦ୍ୟମ କରୁଥିଲି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ବିଜୁ ପଟ୍ଟନାୟକଙ୍କୁ ଦେଖାକରି ଚାକିରି କଥା କହିଲି। ମୋ କଥା ଶୁଣି ସେ କହିଲେ, 'ଟୋକାଟା–ଚାକିରି କ'ଣ କରିବୁ, ଶିଳ୍ପ କର। ଯୋଜନା କରି ଆ', ମୁଁ ଟଙ୍କା ଯୋଗାଇଦେବି।' ତାଙ୍କ କଥା ଶୁଣି ମୋର ଚାକିରି କରିବା ନିଶା ତୁଟିଗଲା। ଚାଷ ତ ଥିଲା, ଲେଖାଲେଖି ବି କରୁଥିଲି। ଏକ ପ୍ରେସ୍ କରିବାର ମନସ୍ଥ କଲି। ୧୯୯୨ ମସିହାରେ ଗଠନ କଲି 'ଆଷାଢ଼ ସାହିତ୍ୟ ସଂସଦ'। 'ଆଷାଢ଼' ନାମରେ ଏକ ପତ୍ରିକା ସେହି ବର୍ଷ ଦଶହରାରେ ପ୍ରକାଶ କଲି। ସେ ସମୟରେ ଆମ ଦଳେଇଘାଇ ଅଞ୍ଚଳରେ ଦୈନିକ ଖବରକାଗଜଟିଏ ମିଳୁ ନଥିଲା ପଢ଼ିବାକୁ। ସାହିତ୍ୟ ଓ ସମ୍ବାଦଭିତ୍ତିକ ପତ୍ରିକା 'ଆଷାଢ଼' ପ୍ରତିମାସରେ ବାହାର କରି ଆମ ନିକଟସ୍ଥ ଗ୍ରାମ ମଧ୍ୟଶାସନ, ଉତ୍ତରଶାସନ, ନୂଆଗାଁ, ହାଜିପୁର, ବିରିଡ଼ିଠାରୁ କନ୍ଦରପୁର ପର୍ଯ୍ୟନ୍ତ ପ୍ରାୟ ପ୍ରତିଟି ଘରେ ଦେଇ ତା'ର ମୂଲ୍ୟ ବାବଦକୁ ଦୁଇଟଙ୍କା ଆଣୁଥିଲି ; ଯେଉଁଥିରେ ମୋ ଯିବାଆସିବା ଓ ପ୍ରେସ୍ ଖର୍ଚ୍ଚ ଉଠି ଯାଉଥିଲା।

ବଡ଼ ପୁଅ ହେତୁ ମାତ୍ର ୨୭ ବର୍ଷ ବୟସରେ ବୋଉ ମୋ ବାହାଘର କରାଇଦେଲା। ଝିଅଟିଏ ଓ ପୁଅଟିଏ ମୋର। ପିଲାମାନଙ୍କ ଖର୍ଚ୍ଚ ବି ବୋଉ ସବୁ କରେ। ୧୯୯୯ ମସିହା ମହାବାତ୍ୟାରେ ଆମ ଦଳେଇଘାଇ ଅଞ୍ଚଳର ବ୍ୟାପକ କ୍ଷତି ହୋଇଥିଲା। ତା' ପରଠାରୁ ଆଉ 'ଆଷାଢ଼' ବାହାର କରିପାରିଲି ନାହିଁ। କିନ୍ତୁ ବାର୍ଷିକ ଉତ୍ସବ ପ୍ରତିବର୍ଷ କରେ। ସେ ସମୟରେ ଝିଅ ପଞ୍ଚମରେ ପଢୁଥାଏ। ସେ ଜିଦି କଲା, ବାପାଙ୍କ ପଇସାରେ ପୂଜା ଚାନ୍ଦା ଦେବ। ତା' ଜେଜେମା' ଯେତେ ଯାଚିଲେ ବି ନେଲା ନାହିଁ। ଏକଥା ମୁଁ ଜାଣିଲା ପରେ କହିଲି, ହଉ ମୁଁ ଦେବି। ଦୁଇ ତିନି ଦିନ ବିତିଗଲା। ଟଙ୍କାଟିଏ ବି ଯୋଗାଡ଼ କରିପାରିଲି ନାହିଁ, କିନ୍ତୁ ପ୍ରଭୁଙ୍କ ଉପରେ ଭରସା ଥାଏ। ତା'ପରଦିନ ଆମ ପାଖ ଗାଁର ରଘୁନାଥ ସାହୁ ଆସି ସକାଳେ ନିମନ୍ତ୍ରଣ କଲେ– 'ଆଜି ଆମ ବୋଉର ଶ୍ରାଦ୍ଧ, ବ୍ରାହ୍ମଣ ଭୋଜନ ସହ ଟିକେ ଗୀତା ପଢ଼ିବ।' କାମସାରି ଗଲି। ପୁରୋହିତ ତାଙ୍କର ପିଣ୍ଡଦାନ କଲେ, ମୁଁ ପାଖରେ ବସି ଗୀତା ପାଠ କଲି। ଦୁଇ ଘଣ୍ଟାରେ ୭୦୦ ଶ୍ଲୋକ ପଢ଼ିଲି। ସେଠି ମୋତେ ଗୀତା ପାଠ ପାଇଁ ପଚାଶ ଟଙ୍କା, ଭୋଜନ ପାଇଁ ଦଶ ଟଙ୍କା ଓ ଗାମୁଛା ଖଣ୍ଡେ ମିଳିଲା। ଭାରି ଖୁସିରେ ଟଙ୍କାକୁ ଆଣି ପତ୍ନୀଙ୍କ ହାତକୁ ବଢ଼ାଇ କହିଲି, ନିଅ ଝିଅର ପୂଜା ଚାନ୍ଦା ଦେବ। ଏବେ ମୁଁ ଚାଷବାସ ସହ ସାହିତ୍ୟରେ ମନୋନିବେଶ କରୁଛି। ଏବେ ସୁଦ୍ଧା ମୋର ମୌଳିକ ସୃଷ୍ଟି ଗପ, କବିତା, ଶିଶୁ କବିତା, ଗୀତି କବିତା, ନାଟକ ମିଶି ଅଠରଖଣ୍ଡ ପୁସ୍ତକ ଓ ତେର ଖଣ୍ଡ ସମ୍ପାଦନା ପୁସ୍ତକ ବାହାରି ସାରିଲାଣି। 'ଆଷାଢ଼' ପ୍ରତିବର୍ଷ ବାର୍ଷିକ ସଂଖ୍ୟାଟିଏ କରୁଛି। ଆଷାଢ଼ ସାହିତ୍ୟ ସଂସଦ ତରଫରୁ ଚାରୋଟି କାର୍ଯ୍ୟକ୍ରମ 'ଫଗୁଣ ଆସର', 'ବିଷୁବ ଆସର', 'ବର୍ଷା ମିଳନ' ଓ 'ବାର୍ଷିକ ଉତ୍ସବ' ସହ ବୃକ୍ଷରୋପଣ କାର୍ଯ୍ୟ ମଧ୍ୟ ଜାରି ରଖିଛି। ହେଲେ ଏବେ ବି ସରସ୍ୱତୀ ପୂଜା ଆସିଲେ ମୋର ମନେପଡ଼େ ଝିଅର ପୂଜା ଚାନ୍ଦା ଆଉ ମୋ ପ୍ରଥମ ରୋଜଗାର କଥା।

## ସାଥୀ



# ପ୍ରେମିକା ହୋଇଥାଉ ଯେତେ ବାନ୍ଦରୀ, ପ୍ରେମିକ ପାଇଁ ସିଏ ସବୁବେଳେ ସୁନ୍ଦରୀ

**ପ୍ରଶ୍ନ–**ମୋ ପ୍ରେମିକା ଦେଖିବାକୁ ଟିକେ ଅସୁନ୍ଦରୀ। ଏହାକୁ ନେଇ ବେଳେବେଳେ ସାଙ୍ଗମାନେ ମୋତେ ଦି' ପଦ କହିବାକୁ ପଛାଇ ନ ଥାନ୍ତି। ହେଲେ ସେମାନଙ୍କୁ ମୁଁ କିପରି ବୁଝାଇବି ?

*–ଅନନ୍ତ କୁମାର, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଆପଣଙ୍କ ପ୍ରେମିକା ଅସୁନ୍ଦରୀ ହେଲେ କ'ଣ ହେଲା, ଆପଣଙ୍କ ପ୍ରେମର ଗାଡି ତ ଆଗକୁ ମାଡି ଚାଲିଛି। କିଏ କ'ଣ କହିଲା ତାକୁ ଯଦି ଧରି ବସିବେ ତେବେ ସବୁକିଛି ଗଡବଡ ହୋଇଯାଇପାରେ। ଗୋଟିଏ କଥା ମନେ ରଖିବେ–'ପ୍ରେମିକା ହୋଇଥାଉ ଯେତେ ବାନ୍ଦରୀ, ପ୍ରେମିକ ପାଇଁ ସିଏ ସବୁବେଳେ ସୁନ୍ଦରୀ'। ତେଣୁ କାହା କଥାରେ ମନ ଊଣା କରନ୍ତୁ ନାହିଁ। ନିଜ ପ୍ରେମରେ କିପରି ସକସେସ୍ ହେବେ ସେ ନେଇ ଲାଗି ରୁହନ୍ତୁ।

**ପ୍ରଶ୍ନ–**ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ଼। ଏବେ କ'ଣ କରିବି ଜାଣିପାରୁନି ?

*–କମଳ କୁମାର, ଅନୁଗୋଳ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଓ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ତେବେ ଏହି ଘଟଣା ଆପଣଙ୍କ କଲେଜ ଜୀବନ ଆରମ୍ଭ ନା ଶେଷରେ ଘଟିଛି ତାହା ଲେଖିଲେ ନାହିଁ। ଏପରି ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*–ବିଜୟ ରାଉତ, ରାଉରକେଲା*

**ଉତ୍ତର:** ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–**ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ସେହି ହସରେ କ'ଣ ପ୍ରେମ ଲୁଚି ରହିଛି ?

*–ସନ୍ଦୀପ, ପୁରୀ*

**ଉତ୍ତର:** 'ସୁନ୍ଦରୀ ହସରେ ଅନେକ କଥା, ଘଡ଼ିକେ ଘୁରାଇ ଦିଅଇ ମଥା।' ଯଦି ସେହି ଲାଜକୁ ତର୍ଜମା କରି ତାହାର ଅସଲ ଅର୍ଥ ଜାଣି ସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଡେରି ହେଲେ ହୁଏତ ଚାନ୍ସଟା ଆଉ କିଏ ମାରିନେଇପାରେ! ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ତେଣୁ ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ସେ ସୁନ୍ଦରୀ ହୃଦୟରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ–**ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ତପନ କୁମାର, ସୁନାବେଡା*

**ଉତ୍ତର:** କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ଆଉ ସେହି ନଖରାମି ପଛରେ ଥିବା କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣାନ୍ତୁ।




# ନିଆରା ସିଲିଂ ଫ୍ୟାନ୍



**ଖରାଦିନେ ସିଲିଂ ଫ୍ୟାନ୍‌ର ଚାହିଦା ହେଇଯାଏ ଆକାଶଛୁଆଁ। ଆଉ ବଜାରରେ ଉପଲବ୍ଧ ହୁଏ ନାନା ଡିଜାଇନ୍ ଓ ନୂଆ ଫିଚର୍ ଥିବା ଅନେକ ସିଲିଂ ଫ୍ୟାନ। ତେବେ ଯଦି ନିମ୍ନୋକ୍ତ ଡିଜାଇନ୍‌ର ସିଲିଂ ଫ୍ୟାନ୍ ଆଣି ଘରେ ଲଗାଇବେ, ଆପଣ ନିଶ୍ଚୟ ପାଲଟିବେ ଚର୍ଚ୍ଚାର ବିଷୟ। କାରଣ ଏସବୁ ହେଉଛି ବେଶ୍ ଅଜବ ଓ ନିଆରା ସିଲିଂ ଫ୍ୟାନ...**



**ଓଲଟା ହେଲିକପ୍ଟର ଭଳି ଦେଖାଯାଉଥିବା ସିଲିଂ ଫ୍ୟାନ:** ରାଫେଲ ଆଇନେଲୋଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ସିଲିଂ ଫ୍ୟାନ ସବୁଠାରୁ ଅଜବ ସିଲିଂ ଫ୍ୟାନ ଡିଜାଇନ ମଧ୍ୟରୁ ଅନ୍ୟତମ। ଏହା ଏକ ଓଲଟା ହେଲିକପ୍ଟର ଭଳି ଦେଖାଯାଏ। ସିଲିଂରେ ପୁଣି ହେଲିପ୍ୟାଡ ଭଳି ଡିଜାଇନ୍ ହୋଇଥାଏ। ତା'ସହ ଫ୍ୟାନର ଅତ୍ୟଧିକ ସରୁ ବ୍ଲେଡଗୁଡ଼ିକ ଏହାକୁ ଏକ ଭିନ୍ନ, ଅତି ସୁନ୍ଦର ଏବଂ ଆଧୁନିକ ଲୁକ୍ ପ୍ରଦାନ କରିଥାଏ !

**ରିବନ ସିଲିଂ ଫ୍ୟାନ:** ବେଞ୍ଜାମିନ ମ୍ୟାକମାହନ ଡିଜାଇନ୍ କରିଥିବା ରିବନ ଭଳି ଦେଖିବାକୁ ଏହି ସିଲିଂ ଫ୍ୟାନ୍ ଖୁବ୍ ଆକର୍ଷକ ଲାଗେ। ଏହାର ଡିଜାଇନ୍ ସହଜରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଯେତେବେଳେ ଫ୍ୟାନ୍‌ଟି ଚାଲେ, ଏହା ଏକ ଦ୍ରୁତ ଗତିଶୀଳ ଏବଂ ମୁକ୍ତ ଭାବରେ ପ୍ରବାହିତ ହେଉଥିବା ରିବନର ଭ୍ରମ ସୃଷ୍ଟି କରେ, ଯାହାକି ବେଶ୍ ମନୋମୁଗ୍ଧକର ଲାଗେ। ଉକ୍ତ ଫ୍ୟାନ୍‌ର ଡିଜାଇନ ଯେମିତି ଖାସ୍, ଏହାର କାର୍ଯ୍ୟଦକ୍ଷତା ବି ସେମିତି ସମସ୍ତଙ୍କୁ ଚକିତ କରାଏ। ଅର୍ଥାତ୍ ଏହି ଫ୍ୟାନ ତଳେ ବସିଥିଲେ ଏୟାର-କଣ୍ଡିଶନର୍‌ର ଆବଶ୍ୟକତା ଆଦୌ ଅନୁଭବ ହେବ ନାହିଁ।



**ଡର୍ଭିସ ଲ୍ୟାମ୍ପ ଫ୍ୟାନ:** କାର୍-ୱାଶ ବ୍ରଶ ଦ୍ୱାରା ଅନୁପ୍ରାଣିତ ଏହି ଫ୍ୟାନ୍‌ଟି ନିଶ୍ଚିତ ଭାବରେ ସବୁଠାରୁ ଅସାଧାରଣ ସିଲିଂ ଫ୍ୟାନ ଡିଜାଇନ ମଧ୍ୟରୁ ଅନ୍ୟତମ। ଫ୍ୟାନ୍‌ଟି ଚାଲୁ ହେବା ମାତ୍ରେ ଏଥିରେ ଲାଗିଥିବା ଲ୍ୟାମ୍ପଟି ଜଳିଉଠେ ଏବଂ ଫ୍ୟାନ୍‌ଟି ଏକ ଗତିଶୀଳ କାର୍-ୱାଶ ବ୍ରଶ୍ ଭଳି ଦେଖାଯାଏ।

**ବାଦୁଡ଼ି ଅବା ଡ୍ରାଗନ ଡେଣା ଭଳି ବ୍ଲେଡ ଥିବା ଫ୍ୟାନ:** ଏହି ସିଲିଂ ଫ୍ୟାନ୍‌ର ଡିଜାଇନ ଏକ ଅନନ୍ୟ 'ଗୋଥିକ' ଲୁକ୍ ପ୍ରଦାନ କରିଥାଏ। ଏହାର ବ୍ଲେଡଗୁଡ଼ିକ ଦେଖିବାକୁ ଅବିକଳ ବାଦୁଡ଼ିର ଡେଣା ଭଳି। ଉକ୍ତ ଫ୍ୟାନ କେବଳ ଯେ ଦେଖିବାକୁ ନିଆରା ତାହା ନୁହେଁ ବରଂ ଏହା ବେଶ୍ ଶସ୍ତା ମଧ୍ୟ। ଏହାର ମୂଲ୍ୟ ମାତ୍ର ୪୦ ଡଲାରରୁ ଆରମ୍ଭ ହୋଇଥାଏ।

**ବ୍ରିସା ୨୦୦୦ ସିଲିଂ ଫ୍ୟାନ:** ଏହି ସିଲିଂ ଫ୍ୟାନ ଦେଖିବାକୁ ବେଶ୍ ମଜାଦାର ! ଫ୍ୟାନଟି ଏକ ଗୋଲକ ଚାରିପଟେ ବୁଲିଥାଏ ଏବଂ ରୁମର ପ୍ରତିଟି କୋଣକୁ ପବନ ଦେଇଥାଏ, ଯାହା ଦେଖିବାକୁ ଅତି ଆମୋଦଦାୟକ ଏବଂ କୌତୁକିଆ।

**ଲଙ୍ଗ ୱିଙ୍ଗ ସିଲିଂ ଫ୍ୟାନ:** ଏମିତି ଏକ ସମୟ ଥିଲା ଯେତେବେଳେ ଲୋକମାନେ ନିଜକୁ ଥଣ୍ଡା ରଖିବା ପାଇଁ ତାଳପତ୍ରକୁ ବିଞ୍ଚଣା ଭାବରେ ବ୍ୟବହାର କରୁଥିଲେ। ଏହି ଲଙ୍ଗ ୱିଙ୍ଗ ସିଲିଂ ଫ୍ୟାନ ଉପରେ ଏକ ନଜର ପକାଇଲେ ଏହା ଆପଣଙ୍କୁ ସେହି ପୁରୁଣା ଯୁଗକୁ ନେଇଯିବ। ଆଲେକ୍‌ଜାଣ୍ଡାର୍ ଇଗ୍ନୋନଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏହି ଅନନ୍ୟ ସିଲିଂ ଫ୍ୟାନକୁ ଛୋଟ ରୁମ୍ ସହ ବଡ଼ ବଡ଼ ରୁମ୍‌ରେ ବି ବ୍ୟବହାର କରାଯାଇପାରିବ। ଏହା ପ୍ରଚୁର ଶକ୍ତି ସଞ୍ଚୟ କରିବାରେ ସକ୍ଷମ ଏବଂ ରୁମ୍‌ର ତାପମାତ୍ରା କମ୍ କରିବା ପାଇଁ ଏହା ମାତ୍ର ୧୫ ୱାଟ୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ସିଲିଂ ଫ୍ୟାନ୍‌ଟିରେ ଲାଗିଥିବା ଜର୍ମାନ ଗିୟର୍ଡ ମୋଟର ଏହାକୁ ଶକ୍ତିଶାଳୀ କରିଥାଏ।


**ଟ୍ରାଡିଶନାଲ ଗାୟରୋ ସିଲିଂ ଫ୍ୟାନ:** ଯଦି ଆପଣ ଆଣ୍ଟିକ ଜିନିଷକୁ ଭଲ ପାଆନ୍ତି, ତେବେ ନିଜ ଘର ପାଇଁ ଟ୍ରାଡିଶନାଲ ଗାୟରୋ ସିଲିଂ ଫ୍ୟାନ କିଣିବା କଥା ଚିନ୍ତା କରିପାରନ୍ତି। ଏଗୁଡ଼ିକ ଆପଣଙ୍କ ରୁମ୍‌ର ସାଜସଜ୍ଜାରେ ଏକ ସ୍ୱତନ୍ତ୍ର ଶୋଭା ବଢ଼ାଇଥାଏ। ଡିଜାଇନର୍ ମିଙ୍କା ଏୟାର୍ ଏଥିରେ ପାରମ୍ପରିକ ଡିଜାଇନ ବ୍ୟବହାର କରିବା ସହିତ ଫ୍ୟାନଗୁଡ଼ିକୁ ଅତ୍ୟଧିକ କାର୍ଯ୍ୟକ୍ଷମ ମଧ୍ୟ କରିଛନ୍ତି। ଯେକୌଣସି ଆକାରର ରୁମ୍‌ରେ ଖୁବ୍ କମ୍ ସମୟ ଭିତରେ ଶୀତଳତା ପ୍ରଦାନ କରିବାରେ ଏହି ଫ୍ୟାନ ସକ୍ଷମ।

**କ୍ୟୁମୁଲସ ସିଲିଂ ଫ୍ୟାନ:** କ୍ୟୁମୁଲସ ସିଲିଂ ଫ୍ୟାନ୍‌ର ଡିଜାଇନ ଅତି ଚମତ୍କାର। ଆଲୋକ ଦ୍ୱାରା ଘେରି ହୋଇ ରହିଥିବା ଏହି ଫ୍ୟାନର ବ୍ଲେଡଗୁଡ଼ିକ ଗ୍ରିଲ୍ ପଛରେ ଲୁଚି ରହିଥାଏ। ପ୍ରଥମ ନଜରରେ ଏହାକୁ ଏକ ସୁନ୍ଦର ଝୁମର ବୋଲି ଭାବିପାରନ୍ତି। ଏହି ଅଜବ ଫ୍ୟାନ ଚାରିପଟେ ଛ'ଟି ଆଲୋକ ସଂଯୋଗ ହୋଇଛି, ଯେଉଁଥିରେ ୨୫-ୱାଟର ବଲ୍‌ବ ଲାଗିଛି। ଏହି ଫ୍ୟାନକୁ ରିମୋଟ କଣ୍ଟ୍ରୋଲରେ ନିୟନ୍ତ୍ରଣ କରିପାରିବେ।

**ସୁପର ମାରିଓ ଚରିତ୍ର ଥିବା ସିଲିଂ ଫ୍ୟାନ:** ଯେଉଁମାନଙ୍କ ପିଲାଦିନ ସୁପର ମାରିଓ ଭିଡିଓ ଗେମ ଖେଳି ବିତିଛି ସେମାନଙ୍କୁ ଏହି ସିଲିଂ ଫ୍ୟାନର ଡିଜାଇନଟି ନିଶ୍ଚୟ ପସନ୍ଦ ଆସିବ। ଉକ୍ତ ଫ୍ୟାନର ଚାରୋଟି ବ୍ଲେଡରେ ମାରିଓ ଏବଂ ତାଙ୍କ ଭାଇ ଲୁଇଗି, ପ୍ରିନ୍ସେସ ଟୋଡଷ୍ଟୁଲ ଏବଂ କିଙ୍ଗ କୁପାର ଚିତ୍ର ରହିଛି।

**ଲ୍ୟାମ୍ପସ ପ୍ଲସ୍:** ଅନେକଗୁଡ଼ିଏ ପଙ୍ଖା ଥିବା ଏହି ସିଲିଂ ଫ୍ୟାନ୍‌ର ଡିଜାଇନଟି ବହୁତ ଆକର୍ଷଣୀୟ। ଖାସ୍‌କରି ଫାର୍ମହାଉସରେ ଏହାକୁ ବ୍ୟବହାର କଲେ ବେଶ୍ ଭଲ ଲାଗିବ।





## ହାଃ ହାଃ

### ଲୋଟାକୋଟା

ମହିଳା ଆଇରନ୍ କଲାବେଳେ ତାଙ୍କ କୁନି ଝିଅ: ମାମା ତମେ ଆଇରନ୍ କାହିଁକି କରୁଛ ?
ମହିଳା: ଆଇରନ୍ କଲେ କପଡାର ଲୋଟାକୋଟା ପ୍ଲେନ ହେଇଯିବ।
କୁନି ଝିଅ: ମତେ ଟିକେ ଆଇରନ୍ ଦେଲ।
ମହିଳା: କାହିଁକି ?
କୁନି ଝିଅ: ଜେଜେମା' ମୁହଁ କେତେ ଲୋଟାକୋଟା ହେଇ ଯାଇଛି, ତାକୁ ପ୍ଲେନ୍ କରିବି।

### ଛାଡ଼ପତ୍ର

ସ୍ତ୍ରୀ ସ୍ୱାମୀଙ୍କୁ: ପ୍ରତିଦିନର ଝିକ୍ ଝିକ୍‌କୁ ମୁଁ ଆଉ ସହି ପାରୁନି। ନିଷ୍ପତ୍ତି ନେଇଛି ତମକୁ ଛାଡପତ୍ର ଦେଇଦେବି।
ସ୍ୱାମୀ: ଏଇ ନିଅ ଚକୋଲେଟ୍।
ସ୍ତ୍ରୀ: କ'ଣ ଲାଞ୍ଚ ଦେଇ ମନେଇବାକୁ ଚେଷ୍ଟା କରୁଛ ?
ସ୍ୱାମୀ: ନା ରେ ପାଗେଳୀ, ବଡ଼ ବଡ଼ ଲୋକମାନେ କହି ଯାଇଛନ୍ତି କିଛି ଶୁଭକାର୍ଯ୍ୟ ଆଗରୁ ମିଠା ଖାଇବା ଭଲ। ସେଥିପାଇଁ ଦେଉଛି।

### ରୋଷେଇ

ସ୍ୱାମୀ ଅଫିସ୍‌ରୁ ଆସି: ଜଲ୍‌ଦୀ ବାଢିଲ। ଭୋକ ଲାଗିଲାଣି।
ସ୍ତ୍ରୀ: ଆଜି ରୋଷେଇ କରିନି।
ସ୍ୱାମୀ: କାହିଁକି ?
ସ୍ତ୍ରୀ: ଆଜି ମୁଁ ପଡ଼ିଗଲି। ଆଉ ଲାଗିଗଲା।
ସ୍ୱାମୀ: କୋଉଠି ପଡ଼ିଗଲ ? ଆଉ କ'ଣ ଲାଗିଗଲା ?
ସ୍ତ୍ରୀ: ଖଟ ଉପରେ ପଡ଼ିଗଲି। ନିଦ ଲାଗିଗଲା।

### ସାଇଣ୍ଟିଷ୍ଟ

ଜଣେ ମହିଳା ଚିଣ୍ଟୁକୁ: ଆଜିକାଲି କ'ଣ କରୁଛ ପୁଅ ? ଚିଣ୍ଟୁ: ବୈଜ୍ଞାନିକଙ୍କ କାମ କରୁଛି।
ମହିଳା: ସତରେ ! ବୈଜ୍ଞାନିକ ହେଇ କ'ଣ କରୁଛ ? ଚିଣ୍ଟୁ : ବସି ବସି ଅମ୍ଳଜାନକୁ ଅଙ୍ଗାରକାମ୍ଳରେ ପରିଣତ କରୁଛି।

### ଧନୀ

ମୁନୁ ବାପାଙ୍କୁ: ବାପା କାଲିଠୁ ଆମେ ଧନୀ ହେଇଯିବା।
ବାପା: କେମିତି ?
ମୁନୁ: କାଲି ଶିକ୍ଷକ ଆମକୁ ପଇସାକୁ କେମିତି ଟଙ୍କାରେ ବଦଳେଇ ହେବ ଶିଖେଇବେ।

# ମୁକୁନ୍ଦଗଡ଼



ଘୁମୁସର ରାଜ୍ୟର ଅନ୍ୟତମ ପ୍ରମୁଖ ସହର ଥିଲା ବୁଗୁଡ଼ା। ବୁଗୁଡ଼ାର ମାଟିତଳୁ ଉଦ୍ଧାର ହୋଇଥିବା ତାମ୍ରପତ୍ର ଲେଖା ଅନୁସାରେ ବୁଗୁଡ଼ା ଅଞ୍ଚଳଟି ଖ୍ରୀ. ୫୫୦ରୁ ୭୩୬ ପର୍ଯ୍ୟନ୍ତ ଶୈଳୋଦ୍ଭବ ରାଜବଂଶ ଅଧୀନରେ ଥିଲା। ଅନ୍ୟ ଏକ ପ୍ରାମାଣିକ ତଥ୍ୟ ଆଧାରରେ ଦଶମ ଶତାବ୍ଦୀର ମଧ୍ୟଭାଗରେ ରାଜା ନେତ ଭଞ୍ଜ ୯୪୯ ଖ୍ରୀ.ରେ ବୁଗୁଡ଼ାକୁ ଶାସନାଧୀନ କରିଥିଲେ। ସେତେବେଳେ ଏହି ଅଞ୍ଚଳ ଭୌମକର ଶାସନର ଏକ ବିଶେଷ ଅଂଶ ଥିଲା। ବୁଗୁଡ଼ା ନିକଟସ୍ଥ ଘୁମୁସର ସୀମାବର୍ତ୍ତୀ ଅଞ୍ଚଳର ବୁଦ୍ଧଖୋଲ ପର୍ବତ ପାଦଦେଶ ଗଡଜାତ ରାଜ୍ୟ ମୁକୁନ୍ଦଗଡ଼ଟି ଅଷ୍ଟମ ଶତାବ୍ଦୀରେ ତତ୍କାଳୀନ ଦେବ ବଂଶୀ ରାଜା ମୁକୁନ୍ଦ ଦେବଙ୍କ ଦ୍ୱାରା ନିର୍ମିତ।

ରାଜା ମୁକୁନ୍ଦ ଦେବ ଶିକାର ସମୟରେ ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଏଠାରେ ଗଡ଼ ନିର୍ମାଣର ପରିକଳ୍ପନା କରିଥିଲେ। ସୁରମ୍ୟ ପ୍ରାସାଦ ନିର୍ମାଣ ପରେ ଶତ୍ରୁଭୟ ତଥା ଆକ୍ରମଣକାରୀଙ୍କଠାରୁ ସୁରକ୍ଷା ନିମନ୍ତେ ଲୌହ କାରିଗରଙ୍କୁ ନିୟୋଜିତ କରି ସମର କୌଶଳରେ ବ୍ୟବହୃତ ଅନେକ ପାରମ୍ପରିକ ଓ ଆଧୁନିକ ଅସ୍ତ୍ର ତିଆରି କରିଥିଲେ। ଏହାସହ ନିଜ ଇଷ୍ଟଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଶୈବ ଉପାସନାରେ ନିଜକୁ ନିମଗ୍ନ କରିବା ସହ କପିଳେଶ୍ୱର ଏବଂ କୁବରେଶ୍ୱର ମନ୍ଦିର ନିର୍ମାଣ କରାଇଥିଲେ। ଘୁମୁସର ରାଜ୍ୟ ସାହା ଦେବବଂଶୀମାନଙ୍କ ଦୀର୍ଘ ସୀମା ବିବାଦ ଖ୍ରୀ. ୧୧୦୦ରେ ଗଜପତିଙ୍କ ଦ୍ୱାରା ସମାଧାନ ହେଇଥିଲେ ସୁଦ୍ଧା କିଛି ସମୟ ପରେ ପୁଣି ଉପୁଜିଥିଲା। ଗୋପୀନାଥ ଭଞ୍ଜ (ଖ୍ରୀ. ୧୪୫୮ରୁ ୧୪୮୦) ଘୁମୁସର ରାଜ ସିଂହାସନ ଆରୋହଣ କରିଥିଲା ବେଳେ ମୁକୁନ୍ଦଗଡ଼ରେ ଦେବବଂଶୀ ରାଜା ରାଜେଶ୍ୱର ଦେବ ରାଜତ୍ୱ କରୁଥିଲେ। ଗଜପତି କପିଳେନ୍ଦ୍ର ଦେବଙ୍କ କନ୍ୟା ତଥା ପୁରୁଷୋତ୍ତମ ଦେବଙ୍କ ଭଉଣୀଙ୍କୁ ସେ ବିବାହ କରିଥିବା କଥା ଜଣାଯାଏ। ଭଞ୍ଜରାଜାମାନଙ୍କ ସହ ଦେବବଂଶୀ ରାଜାଙ୍କ ସୁସମ୍ପର୍କ ସ୍ଥାପନ ପାଇଁ ଗଜପତି ପୁରୁଷୋତ୍ତମଦେବ ମଧ୍ୟସ୍ଥତା କରିଥିଲେ। ପାତାଳୀ ଗୋପୀନାଥ ଭଞ୍ଜ ଏବଂ ରାଜା ରାଜେଶ୍ୱର ଦେବ କପିଳେଶ୍ୱର ଏବଂ କୁବରେଶ୍ୱର ମନ୍ଦିର ଏକତ୍ର ଦର୍ଶନ କରିବା ସହ ଉଭୟ ରାଜ୍ୟରେ ସୁସମ୍ପର୍କ ସ୍ଥାପନ ପରେ ମୁକୁନ୍ଦଗଡ଼ରୁ ଘୁମୁସରକୁ ଯୁଦ୍ଧାସ୍ତ୍ର ଯୋଗାଇ ଥିଲେ ବୋଲି ଐତିହାସିକ ପ୍ରମାଣ ରହିଛି।

ଘୁମୁସରର ୫୭ତମ ରାଜା ଶ୍ରୀକର ଭଞ୍ଜ ପ୍ରଥମେ ୧୭୯୦ରୁ ୧୭୯୯ ପର୍ଯ୍ୟନ୍ତ ଶାସନ ଭାର ଗ୍ରହଣ କରିଥିଲେ। ଧନଞ୍ଜୟ ଭଞ୍ଜ ଅତର୍କିତ ଆକ୍ରମଣ କରି ରାଜା ମହାଦେବ ଦେବଙ୍କୁ ପରାସ୍ତ କରିବା ସହ ହତ୍ୟା କରିଥିଲେ।


ରାଜା ଧନଞ୍ଜୟ ଭଞ୍ଜଙ୍କ କାମୁକତାରୁ ନିଜକୁ ରକ୍ଷା କରିବା ପାଇଁ ମହାଦେବଙ୍କ ପତ୍ନୀ ନିକଟରେ ବହି ଯାଇଥିବା ବାଘୁଆ ନଦୀଗଣ୍ଡରେ ଜଳ ସମାଧି ନେଇଥିଲେ। ଯୁଦ୍ଧର ପରିସମାପ୍ତି ସହିତ କାଳର କରାଳ ବକ୍ଷରେ ବିଲୁପ୍ତ ମୁକୁନ୍ଦଗଡ଼ ବିଲୁପ୍ତ ହୋଇଗଲା। ପରବର୍ତ୍ତୀ କାଳରେ ପ୍ରଜାମାନେ ସ୍ଥାନାନ୍ତରିତ ହୋଇ ଅନ୍ୟ ଦେଶରେ ବସତି ସ୍ଥାପନ କଲେ।

ରାଜା ଶ୍ରୀକର ଭଞ୍ଜ ଚାରିଧାମ ଯାତ୍ରାରୁ ଫେରି ୧୮୧୯ରେ ରାଜଭାର ହାତକୁ ନେଲା ପରେ ମୁକୁନ୍ଦଗଡ଼ର ଜଗନ୍ନାଥ ମନ୍ଦିରରୁ ଅକ୍ଷତ ଅବସ୍ଥାରେ ବଳଦେବଙ୍କ ମୂର୍ତ୍ତିକୁ ଉଦ୍ଧାର କରି ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ ; ଯାହା ଏବେ ବଳଦେବ ମନ୍ଦିର ନାମରେ ପରିଚିତ।

ପ୍ରସିଦ୍ଧ ବୁଦ୍ଧଖୋଲ ପର୍ବତର ଉତ୍ତରପଟ ପାଦଦେଶରେ ମୁକୁନ୍ଦଗଡ଼ର ଭଗ୍ନାବଶେଷ ଦୃଶ୍ୟମାନ ହୁଏ ; ଯାହା ଏବେ ମୁକୁନ୍ଦପୁର ନାମରେ ଲୋକ ମୁଖରେ ପ୍ରଚଳିତ। ଚାଷ ତଥା ଅନ୍ୟାନ୍ୟ ଖନନ ସମୟରେ ପୋଡାଇଟା, ଶିଳ, ଘୋରଣା ସହ ଅସ୍ତ୍ରଶସ୍ତ୍ର ସାଂଙ୍କୁ ମଧ୍ୟ ମିଳୁଛି। ଶ୍ରୀଜଗନ୍ନାଥ ମନ୍ଦିର ଅଁଳାଶ୍ରୀ ବ୍ୟତୀତ ପୁରା ମନ୍ଦିର ମାଟି ତଳେ ପୋତି ହୋଇ ରହିଛି। ଜରାଜୀର୍ଣ୍ଣ ଅବସ୍ଥାରେ କପିଳେଶ୍ୱର ମନ୍ଦିର ଆଜି ମଧ୍ୟ ରହିଛି। ଅନେକ କାରୁକାର୍ଯ୍ୟ ପୂର୍ଣ୍ଣ ଭଗ୍ନମୂର୍ତ୍ତି ସହ ଗଡ଼ର ବିଭିନ୍ନ ସାମଗ୍ରୀ ଏବେ ବି ମିଳୁଛି ; ଯାହାକି ବିଲୁପ୍ତ ମୁକୁନ୍ଦଗଡ଼ର ସ୍ଥିତିକୁ ଜାହିର କରେ।

– ଚିନ୍ମୟ ରଞ୍ଜନ ମିଶ୍ର
ମୋ: ୯୭୭୮୯୮୫୯୬୧





# ହଜାରେ ମନ୍ଦିରର ସହର
# କାଞ୍ଚିପୁରମ୍

**ତାମିଲନାଡୁସ୍ଥିତ ଏକ ଐତିହାସିକ ତଥା ପ୍ରାଚୀନ ସହର ହେଉଛି କାଞ୍ଚିପୁରମ୍ । ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ଛୋଟ ବଡ଼ ହୋଇ ରହିଛି ଅନେକ ମନ୍ଦିର। ସେଥିପାଇଁ କାଞ୍ଚିପୁରମ୍‌କୁ ହଜାରେ ମନ୍ଦିରର ସହର ବୋଲି ବି କୁହାଯାଏ।**









ଅପୂର୍ବ ପ୍ରାକୃତିକ ଶୋଭା ସାଙ୍ଗକୁ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀକୁ ନିଜ ଭିତରେ ସାଇତି ରଖିଥିବା କାଞ୍ଚିପୁରମ୍ ହେଉଛି ତାମିଲନାଡୁସ୍ଥିତ ଏକ ଆଧ୍ୟାତ୍ମିକ ସହର। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଛୋଟ ବଡ଼ ହୋଇ ସୁନ୍ଦର କାରୁକାର୍ଯ୍ୟରେ ଭରା ଅନେକ ମନ୍ଦିର। ସେଥିପାଇଁ ଏହି ସହରକୁ ହଜାରେ ମନ୍ଦିରର ସହର ବୋଲି ବି କୁହାଯାଇଥାଏ। ତା'ସହିତ ଭାରତର ୭ଟି ପ୍ରମୁଖ ପବିତ୍ର ସ୍ଥଳ ଯାହାକି ସପ୍ତ ପୁରୀ ନାମରେ ମଧ୍ୟ ପରିଚିତ ; ତନ୍ମଧ୍ୟରେ କାଞ୍ଚିପୁରମ୍ ହେଉଛି ଅନ୍ୟତମ। ବିଶ୍ୱାସ ରହିଛି ଯେ, ପବିତ୍ର ମନରେ ଯଦି ଜଣେ ଆସି କାଞ୍ଚିପୁରମ୍‌ରେ ପୂଜାର୍ଚ୍ଚନା କରିଥାନ୍ତି ; ତା'ହେଲେ ତାଙ୍କର ମୋକ୍ଷ ପ୍ରାପ୍ତି ହୋଇଥାଏ। ତେବେ ତାମିଲନାଡୁର ଏହି ମନ୍ଦିର ମାଳିନୀ ସହରରେ ପର୍ଯ୍ୟଟକଙ୍କ ଦେଖିବା ଓ ଜାଣିବା ନିମନ୍ତେ ଆଉ କ'ଣ ରହିଛି ଜାଣନ୍ତୁ ସେ ସମ୍ପର୍କରେ...

## କ'ଣ ଦେଖିବେ

*** ମନ୍ଦିର:** କାଞ୍ଚିପୁରମ୍‌ରେ ଦେଖିବାକୁ ମିଳୁଥିବା ଅଧିକାଂଶ ମନ୍ଦିର ଦେବ ଦେବ ମହାଦେବ ଏବଂ ପ୍ରଭୁ ବିଷ୍ଣୁଙ୍କୁ ସମର୍ପିତ। ଭରଦରାଜ ପେରୁମଲ ମନ୍ଦିର ହେଉଛି କାଞ୍ଚିପୁରମ୍‌ରେ ଥିବା ସବୁଠାରୁ ବଡ଼ ବିଷ୍ଣୁ ମନ୍ଦିର। ପ୍ରାୟ ୨୩ ଏକର ଜମି ଉପରେ ଏହି ମନ୍ଦିରଟି ଗଢ଼ି ଉଠିଛି। ସେହିପରି ଅଷ୍ଟଭୂଜକରମ୍, ଉଲଗଲନାଥ ପେରୁମଲ ମନ୍ଦିର ଭଳି ପ୍ରାୟ ଶତାଧିକ ବିଷ୍ଣୁ ମନ୍ଦିର ଏଠାରେ ଥିବାର ପର୍ଯ୍ୟଟକ ଦେଖିପାରିବେ। ସେହିପରି ଦେବ ଦେବ ମହାଦେବଙ୍କୁ ସମର୍ପିତ ଏକାମ୍ବରେଶ୍ୱର ମନ୍ଦିର, କୈଳାଶନାଥାର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଭଳି ପ୍ରାୟ ଶତାଧିକ ମନ୍ଦିର ବି କାଞ୍ଚିପୁରମ୍‌ରେ ରହିଛି। କେବଳ ସେତିକି ନୁହେଁ, ମାତା ପାର୍ବତୀଙ୍କୁ ସମର୍ପିତ କାମାକ୍ଷୀ ଅମ୍ମନ ମନ୍ଦିର, ପ୍ରଭୁ କାର୍ତ୍ତିକେୟଙ୍କୁ ସମର୍ପିତ କୁମାରକୋଟ୍ଟମ୍ ମନ୍ଦିରକୁ ବି ପର୍ଯ୍ୟଟକ ବୁଲିଯାଇ କିଛିଟା ଭିନ୍ନ ଅନୁଭୂତି ସାଉଁଟିପାରିବେ। କହିବାକୁ ଗଲେ, କାଞ୍ଚିପୁରମ୍‌ରେ ପ୍ରତ୍ୟେକ ଦେବାଦେବୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ଥିବାର ପର୍ଯ୍ୟଟକ ଦେଖିପାରିବେ। ଆଉ ପ୍ରତ୍ୟେକଟି ମନ୍ଦିରର ଅପୂର୍ବ କାରୁକାର୍ଯ୍ୟ ଦେଖିବାକୁ ବେଶ୍ ମନଲୋଭା ହୋଇଥାଏ।

*** ମଠ:** କାଞ୍ଚିପୁରମ୍‌ରେ ଅନେକ ବୌଦ୍ଧ ଓ ଜୈନ ମଠ ଥିବାର ବି ପର୍ଯ୍ୟଟକ ବୁଲି ଦେଖିପାରିବେ।

*** ଅଭୟାରଣ୍ୟ:** କାଞ୍ଚିପୁରମ୍‌ର ନିକଟବର୍ତ୍ତୀ ଅଞ୍ଚଳରେ ବେଦାନଥଙ୍ଗଲ୍ ଏବଂ କରିକିଲି ନାମରେ ଦୁଇଟି ପକ୍ଷୀ ଅଭୟାରଣ୍ୟ ରହିଛି। ଏହି ଦୁଇ ଅଭୟାରଣ୍ୟରେ ପର୍ଯ୍ୟଟକ ପାକିସ୍ଥାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସାଇବେରିଆରୁ ଆସିଥିବା ବହୁ ବିରଳ ପ୍ରଜାତିର ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।

## କାଞ୍ଚିପୁରମ୍ ଶାଢ଼ିର ଚାହିଦା

କାଞ୍ଚିପୁରମ୍‌ର ଅର୍ଥନୀତି ମୁଖ୍ୟତଃ କୃଷି, ପର୍ଯ୍ୟଟନ ତଥା ସିଲ୍କ ଶାଢ଼ି ବୁଣା ଉପରେ ନିର୍ଭର କରିଥାଏ। ଏଠାକାର କାଞ୍ଚିପୁରମ୍ ସିଲ୍କ ଶାଢ଼ିର ଚାହିଦା ଦେଶ ବିଦେଶରେ ଖୁବ୍ ରହିଛି।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ କାଞ୍ଚିପୁରମ୍ ବୁଲିଯିବା ପାଇଁ ସୁବିଧା ରହିଛି। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। କାଞ୍ଚିପୁରମ୍ ରେଲୱେ ଷ୍ଟେଶନ ଏଠାକାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ଚେନ୍ନାଇ ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି କାଞ୍ଚିପୁରମ୍‌ର ନିକଟବର୍ତ୍ତୀ ମୁଖ୍ୟ ବିମାନବନ୍ଦର ; ଯାହାକି ପ୍ରାୟ ୭୨କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ନିଜ ସୁବିଧା ଅନୁସାରେ ଗାଡ଼ି ନେଇ ବି କାଞ୍ଚିପୁରମ୍ ବୁଲି ଯାଇପାରିବେ।



# ପାଣି ବୁନ୍ଦା ଗୋଲାକାର କାହିଁକି






**ସେ ବର୍ଷାର ବୁନ୍ଦା ହେଉ କି ପତ୍ରରେ ପଡ଼ିଥିବା କାକର ଟୋପା ଅବା ଘରେ ଟ୍ୟାପ୍‌ରୁ ପଡୁଥିବା ବୁନ୍ଦା ବୁନ୍ଦା ଜଳ। ଯଦି କେବେ ଏଗୁଡ଼ିକୁ ଭଲରେ ନଜର ପକାଇଥିବେ ତେବେ ନିଶ୍ଚୟ ଦେଖିଥିବେ ଯେ ପାଣିର ଟୋପାଗୁଡ଼ିକ ଗୋଲାକାର ହୋଇଥାଏ। କିନ୍ତୁ କେବେ ଜାଣିବାକୁ ଚେଷ୍ଟା କରିଛନ୍ତି କି, ଏହି ଟୋପାଗୁଡ଼ିକର ଆକାର ଏମିତି ଗୋଲାକାର କାହିଁକି? ଏଗୁଡ଼ିକର ଆକାର ଚାରିକୋଣିଆ କିମ୍ବା ତିନିକୋଣିଆ କାହିଁକି ହୋଇ ନ ଥାଏ? ଜାଣନ୍ତୁ ସେ ସମ୍ପର୍କରେ...**

**ଭା**ରି ଭଲ ଲାଗେ ବୁନ୍ଦା ବୁନ୍ଦା ପାଣି ଦେଖିବାକୁ। ସେ ଆକାଶରୁ ଝରି ପଡୁଥିବା ବୁନ୍ଦା ବୁନ୍ଦା ବର୍ଷା ହେଉକି ଶୀତ ସକାଳରେ ଘାସ ଗାଲିଚାରେ କାଚକେନ୍ଦୁ ପରି ପଡ଼ିଥିବା କାକର ବୁନ୍ଦା। ଅବା କାଚ ଝରକାରେ ପଡ଼ିଥିବା ଜଳ ଟୋପା। ସାରୁ ଅବା ପଦ୍ମପତ୍ରରେ ଢଳ ଢଳ ହେଉଥିବା ଜଳ ବି ଲାଗେ ଖୁବ୍ ଆକର୍ଷକ। ହେଲେ ଯଦି କେବେ ଏଇ ପାଣି ଟୋପାକୁ ଲକ୍ଷ୍ୟ କରିଥିବେ ଦେଖିଥିବେ ଏହାର ଆକାର ଗୋଲାକାର ହୋଇଥାଏ। ତେବେ କ'ଣ କୌଣସି ନିୟମ ଏହାକୁ ଗୋଲାକାର ହେବା ପାଇଁ ବାଧ କରେ ? ଏହାର ଉତ୍ତର ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନର ଏକ ରୋଚକ ସିଦ୍ଧାନ୍ତରେ ଲୁଚି ରହିଛି – ଯାହାକୁ ସରଫେସ୍ ଟେନସନ୍ କୁହାଯାଏ । ପାଣିର ଅଣୁ H2O ଗୁଡ଼ିକ ପରସ୍ପର ସହ ଦୃଢ଼ ଭାବେ ଜଡ଼ିତ ଥାଆନ୍ତି। ଏହାକୁ କୋହେସିଭ ଫୋର୍ସ କୁହାଯାଏ। ଭିତରେ ଥିବା ଅଣୁଗୁଡ଼ିକ ଚାରିଆଡୁ ଚାପ ଅନୁଭବ କରନ୍ତି, କିନ୍ତୁ ପୃଷ୍ଠରେ ଥିବା ଅଣୁଗୁଡ଼ିକ କେବଳ ତଳ ଏବଂ ପାର୍ଶ୍ୱର ଅଣୁମାନଙ୍କ ଦ୍ୱାରା ଆକର୍ଷିତ ହୁଅନ୍ତି, ଉପର ଆଡ଼କୁ କୌଣସି ଆକର୍ଷଣ ନ ଥାଏ । ତେଣୁ ପୃଷ୍ଠର ଅଣୁଗୁଡ଼ିକ ଭିତର ଆଡ଼କୁ ଟାଣି ହେବାକୁ ଚେଷ୍ଟା କରନ୍ତି। ଏହାଦ୍ୱାରା ପାଣିର ପୃଷ୍ଠ ଏକ ଟଣା ହୋଇଥିବା ପରଦା ଭଳି ହୋଇଯାଏ। ସେଥିପାଇଁ ଗୋଲାକାର ଆକାର ତିଆରି ହୁଏ। ଏହି ଚାପ ବା ଟେନସନ ପାଣିକୁ ସବୁଠାରୁ କମ ପୃଷ୍ଠ କ୍ଷେତ୍ରଫଳ ବା ମିନିମମ୍ ସରଫେସ୍ ଏରିଆ ତିଆରି କରିବା ପାଇଁ ବାଧ କରେ। ଜ୍ୟାମିତିରେ ଯେକୌଣସି ନିର୍ଦ୍ଦିଷ୍ଟ ଆୟତନ ପାଇଁ ସବୁଠାରୁ କମ ପୃଷ୍ଠ କ୍ଷେତ୍ରଫଳ ଗୋଲକ ବା ସ୍ଫିୟର ଆକାରର ହିଁ ହୋଇଥାଏ । ଏହି କାରଣରୁ ପାଣିର ଛୋଟ ଟୋପାଗୁଡ଼ିକ ସମ୍ପୂର୍ଣ୍ଣ ଗୋଲାକାର ହୋଇଯାନ୍ତି। ଯଦି ଟୋପାଟି ଚାରିକୋଣିଆ କିମ୍ବା ତିନିକୋଣିଆ ହୋଇଥାନ୍ତା, ତେବେ ତା'ର ପୃଷ୍ଠର କ୍ଷେତ୍ରଫଳ ଅଧିକ ହୋଇଥାନ୍ତା, ଯାହାଦ୍ୱାରା ସର୍‌ଫେସ ଟେନସନ ଅଧିକ ଶକ୍ତି ଖର୍ଚ୍ଚ କରିଥାନ୍ତା। ପ୍ରକୃତି ସବୁବେଳେ କମ୍ ଶକ୍ତି ବ୍ୟୟ ହେଉଥିବା ପଥ ବାଛେ, ତେଣୁ ଗୋଲାକାର ଆକାର ସବୁଠାରୁ ଆଦର୍ଶ। ପତ୍ର କିମ୍ବା କାଚ ଉପରେ ଥିବା ଟୋପାଗୁଡ଼ିକ ମଧ୍ୟ ଏହି କାରଣରୁ ଗୋଲ ଦେଖାଯାନ୍ତି। ଯଦି ପତ୍ରର ପୃଷ୍ଠଟି ହାଇଡ୍ରୋଫୋବିକ ଅର୍ଥାତ୍ ପାଣିକୁ ଦୂରେଇ ରଖୁଥିବା ଗୁଣବିଶିଷ୍ଟ ହୋଇଥାଏ (ଯେପରି କି ପଦ୍ମପତ୍ର), ତେବେ ଟୋପାଟି ଆହୁରି ପରଫେକ୍ଟ ଗୋଲ ହୋଇ ରହେ। ବଡ଼ ଟୋପା କ୍ଷେତ୍ରରେ କଥାଟି ଅଲଗା। ଅତି ଛୋଟ ଟୋପା ଅର୍ଥାତ୍ ୧–୨ ମି.ମି.ରୁ କମ୍ ଆକାରର ଟୋପା ପ୍ରାୟ ସମ୍ପୂର୍ଣ୍ଣ ଗୋଲକ ହୋଇଥାନ୍ତି। କିନ୍ତୁ ଯେମିତି ଯେମିତି ଟୋପାର ଆକାର ବଢ଼େ, ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ବଢ଼ିବାକୁ ଲାଗେ । ଏହା ତଳ ଆଡ଼କୁ ଟାଣିବା ଭଳି ଚାପ ସୃଷ୍ଟି କରେ। ତେଣୁ ବଡ଼ ବର୍ଷା ଟୋପାଗୁଡ଼ିକ ଉପରୁ ଗୋଲ ଏବଂ ତଳ ପଟୁ ସାମାନ୍ୟ ଚେପ୍ଟା ବା ହାମବର୍ଗର ଆକାରର ହୋଇଯାନ୍ତି । ଯଦି ଟୋପାଟି ଆହୁରି ବଡ଼ ତଥା ୪.୫ ମି.ମି ରୁ ଅଧିକ ହୋଇଯାଏ, ତେବେ ମାଧ୍ୟାକର୍ଷଣ ଶକ୍ତି ଏତେ ଶକ୍ତିଶାଳୀ ହୋଇଯାଏ ଯେ ଟୋପାଟି ଭାଙ୍ଗିଯାଇ ଛୋଟ ଛୋଟ ଟୋପାରେ ବିଭକ୍ତ ହୋଇଯାଏ।

**ସରଫେସ ଟେନ୍‌ସନର କିଛି ଉଦାହରଣ:** କୀଟପତଙ୍ଗମାନେ ପାଣି ଉପରେ ଚାଲିପାରନ୍ତି, କାରଣ ସରଫେସ ଟେନ୍‌ସନ ସେମାନଙ୍କୁ ସାହାରା ଦିଏ। ପାଣି ଫୋଟକା ଗୋଲାକାର ହେବା ପଛର କାରଣ ହେଉଛି ଭିତରର ପବନ ବାହାର ଆଡ଼କୁ ଚାପ ପକାଏ ଏବଂ ସର୍‌ଫେସ ଟେନ୍‌ସନ ତାକୁ ଗୋଲାକାର କରି ରଖେ। ସେମିତି ସାବୁନ ପାଣି ସର୍‌ଫେସ୍ ଟେନ୍‌ସନକୁ କମାଇ ଦିଏ, ତେଣୁ ଫୋଟକାଗୁଡ଼ିକ ବଡ଼ ହୁଏ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ତିଷ୍ଠି ରହେ ।






# କାର୍ଡବୋର୍ଡରେ ଦାମୀ ଗାଡ଼ି



**ଫେ**ରାରୀ ସ୍ପୋର୍ଟସ କାର୍ କିମ୍ବା ଡୁକାଟି ମୋଟରସାଇକେଲ କିଣିବାକୁ ଇଚ୍ଛା କି ? ଆପଣ କହିବେ ଇଚ୍ଛା ଥିଲେ କ'ଣ ହେବ ? ଏସବୁକୁ କ'ଣ କିଣିହେବ ? ଏହା ସତ ଯେ, ଏତେ ଦାମୀ ଗାଡ଼ି କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ହେଲେ ବୁଦ୍ଧି ଥିଲେ ନିଜ ସଉକକୁ ଯେକୌଣସି ଉପାୟରେ ପୂରଣ କରିହେବ। ଏଇ ଯେମିତି ଭିଏଟ୍‌ନାମର କେତେଜଣ ଯୁବକ ପୁରୁଣା ଲୁହା କବାଡ଼ି, ବ୍ୟବହୃତ କାର୍ଡବୋର୍ଡ ଏବଂ ମୋଟରସାଇକେଲ ପାର୍ଟସ ବ୍ୟବହାର କରି ନିଜର ଦାମୀ ଗାଡ଼ି ନିଜେ ତିଆରି କରିଛନ୍ତି । ଏହି ଗାଡ଼ିଗୁଡ଼ିକ ଦେଖିବାକୁ ଟିକେ ଅଜବ ବା ହାସ୍ୟାସ୍ପଦ ହୋଇପାରେ, କିନ୍ତୁ ଏଗୁଡ଼ିକ ପ୍ରକୃତରେ ରାସ୍ତାରେ ଚାଲେ। କାର୍ଡବୋର୍ଡରେ ତିଆରି ଲାମ୍ବୋର୍ଗିନି ମାଟି ରାସ୍ତାରେ ଧୀରେ ଧୀରେ ଗଡ଼ି ଗଡ଼ି ଯାଉଥିବା କିମ୍ବା ପୁରୁଣା ପାର୍ଟସରେ ତିଆରି ଡୁକାଟି ଭଳି ଦେଖାଯାଉଥିବା ବାଇକ ଦେଖିବାକୁ ବେଶ୍ ନିଆରା ଲାଗେ। ଏହି ଯୁବକମାନଙ୍କର କାର୍ଡବୋର୍ଡ ଏବଂ ପୁରୁଣା ଧାତୁ ବ୍ୟବହାର କରି ବିଳାସପୂର୍ଣ୍ଣ ଗାଡ଼ିର ଶସ୍ତା ପ୍ରତିକୃତି ତିଆରି କରିବାର ଅଦ୍ଭୁତ କଳା ରହିଛି । ଏହା ସହିତ ସେମାନେ ଏହି କାମକୁ ବହୁତ ମଜା ନେଇ କରନ୍ତି, ଯାହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ବହୁତ ପସନ୍ଦ କରାଯାଉଛି।



# ଭଗବାନ୍‌ଙ୍କୁ କ'ଣ ମାଗିବା ?



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

### ଦେବତା, ଭଗବାନ୍ ଓ ଈଶ୍ୱର

( ଭାଗ –୨୧ )

ଏଇ ପ୍ରଶ୍ନଟି ପଚାରିବା ପୂର୍ବରୁ ଆଉ ଗୋଟିଏ ପ୍ରଶ୍ନର ଉତ୍ତର ଜାଣିରଖିବା ଉଚିତ । ପ୍ରଶ୍ନଟି ହେଉଛି – ଭଗବାନ୍‌ଙ୍କୁ କାହିଁକି ମାଗିବ ? ଆମର ଯାହା ଯାହା ଦରକାର ସେଗୁଡ଼ିକୁ ଯଦି ଭଗବାନ୍ ପୂରଣ କରୁ ନ ଥାନ୍ତେ, ତେବେ ଆମକୁ ମାଗିବାକୁ ପଡ଼ନ୍ତା । ଆମେ ଜନ୍ମ ନେବା ପୂର୍ବରୁ ଈଶ୍ୱର ଆମ ପାଇଁ ସବୁ ଏଠାରେ ଖଞ୍ଜି ରଖିଯାଇଛନ୍ତି । ଆମ ପିତା ଯେମିତି ଆମ ପାଇଁ ମଙ୍ଗଳମୟ, ଠିକ୍ ସେମିତି ପରମପିତା ମଧ୍ୟ ଆମ ପାଇଁ ଆମ ପିତାଙ୍କ ତୁଳନାରେ ଆହୁରି ମଙ୍ଗଳମୟ । ଜଣେ ବାପା ନିଜେ ବଞ୍ଚିଥିବା ଅବସ୍ଥାରେ ନିଜ ପୁଅ ପାଇଁ କୋଠାଘର, ଜମିବାଡ଼ି, ବ୍ୟାଙ୍କରେ ପୁଳା ପୁଳା ଟଙ୍କା ଗଚ୍ଛିତ ରଖିଦେଇ ଶେଷ ନିଃଶ୍ୱାସ ତ୍ୟାଗକରେ । ଏଥିରେ ପୁଅର ଆଉ କିଛି ଚିନ୍ତା କରିବାର ଅଛି କି ? ସଂସାରରେ ଏମିତି କେତେ ପୁଅ ଝିଅ ଅଛନ୍ତି, ଯେଉଁମାନେ ନିଜ ପିତାମାତାଙ୍କ ଗଚ୍ଛିତ ସମ୍ପତ୍ତିରେ ଅୟସ କରୁଥିବାର ଦେଖାଯାଏ । ଟଙ୍କାଟିଏ ରୋଜଗାର ନ ଥିବ, କିନ୍ତୁ ଭଲିକି ଭଲି ଦାମୀ ଗାଡ଼ି ଚଢ଼ି ବୁଲୁଥିବେ । ଦାମୀ ହୋଟେଲରେ ଭୋଜନ କରୁଥିବେ । ପଇସା କୋଉଠୁଁ ଆସୁଛି ? ପ୍ରଶ୍ନ ପଚାରିଲେ ଉତ୍ତର ଆସିବ – ବାପା କିମ୍ବା ମା'ଙ୍କ ପଇସା...। ସବୁ ବାପାମା' କିନ୍ତୁ ସେମାନଙ୍କ ପିଲାଛୁଆଙ୍କ ପାଇଁ ସବୁବେଳେ ଅର୍ଥ ଗଚ୍ଛିତ କିମ୍ବା ଘରବାଡ଼ି, ବ୍ୟାଙ୍କ ବାଲାନ୍ସ ରଖି ଦେଇ ଯାଇପାରନ୍ତି ନାହିଁ । କାରଣ ସମସ୍ତଙ୍କର ରୋଜଗାର ସମାନ ନ ଥାଏ । ହେଲେ ପରମପିତା ସେମିତି ନୁହନ୍ତି । ତାଙ୍କ ଆଗରେ ଧନୀ ଗରିବର ପ୍ରଶ୍ନ ନ ଥାଏ । କେହି ମାନୁ କି ନ ମାନୁ ସମସ୍ତଙ୍କର ସେ ହେଉଛନ୍ତି ପିତା । ସେଥିପାଇଁ ସେ ଆମ ସମସ୍ତଙ୍କ ଲାଗି ବେଶ୍ ଯତ୍ନଶୀଳ । ଚିନ୍ତାଶୀଳ ବି । ସେ ଏତେ ଦୟାଳୁ ଯେ ଜନ୍ମହେବା ପୂର୍ବରୁ ମା'ଙ୍କ ସ୍ତନରେ କ୍ଷୀରର ବନ୍ଦୋବସ୍ତ କରାଇଥାନ୍ତି । ସ୍ୱତନ୍ତ୍ର ଏବଂ ନିର୍ଭେଜାଲ ଖାଦ୍ୟ ତା ପାଇଁ ସାଇତି ରଖିଛନ୍ତି ସେ ପୃଥିବୀରେ ପାଦ ଦେବା ପୂର୍ବରୁ । ଯେ କ'ଣ କମ୍ ବଡ଼ ଚମତ୍କାର କଥା !

ପରମାତ୍ମା ଏତେ ଦୟାଳୁ ଯେ ନାକପୁଡ଼ାରେ ପବନ ନେବା ପାଇଁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ବି ପଡ଼େନା । ପୃଥିବୀର ଯୁଆଡ଼କୁ ଗଲେ ବି ସବୁଆଡ଼େ ପବନକୁ ସେ ଖଞ୍ଜି ରଖିଛନ୍ତି । ଖାଲି ତ ପବନ ହେଲେ ହେବନି, ତା' ଭିତରେ ଅମ୍ଳଜାନ ରହିବା ଜରୁରୀ । ଅମ୍ଳଜାନ ଦେବ କିଏ ? ଗଛ । ସେଥିପାଇଁ ସୃଷ୍ଟି ଆରମ୍ଭରୁ ପୃଥିବୀରେ ବହୁ ବଡ଼ ବଡ଼ ଜଙ୍ଗଲ ଆମ ପାଇଁ ସେ ରଖିଥିଲେ । ସେ ଗଛଗୁଡ଼ିକୁ ଆମେ କିମ୍ବା ଆମ ବାପା ଅଜା ଲଗେଇ ନ ଥିଲେ । ପ୍ରକୃତିର ପ୍ରକ୍ରିୟା ଅନୁସାରେ ସେ ଜଙ୍ଗଲଗୁଡ଼ିକ ଆରମ୍ଭରୁ ହିଁ ଥିଲେ । ସେଥିରୁ ପ୍ରଚୁର ଅମ୍ଳଜାନ ନିର୍ଗତ ହେବ ଓ ଆମେ ତାହାକୁ ଗ୍ରହଣ କରି ବଞ୍ଚିବୁ । କିନ୍ତୁ ସେ ଜଙ୍ଗଲଗୁଡ଼ିକୁ ବିକାଶ ନାଁରେ ବିନାଶ କରିଚାଲିଲୁ । ପ୍ରବଳ ମାତ୍ରାରେ ଗଛ କାଟି ପଦା କରିଦେଲୁ । ଏବେ ବାୟୁମଣ୍ଡଳର ତାପମାତ୍ରା ବଢ଼ୁଛି, ଅମ୍ଳଜାନ କମିଯାଉଛି ବୋଲି ସରକାରୀ ଏବଂ ବେସରକାରୀ ସ୍ତରରେ ଗଛ ଲଗାଇବାକୁ ଆହ୍ୱାନ ଦିଆଯାଉଛି । ବିନା ଅମ୍ଳଜାନରେ ଆମ ପୃଥିବୀ ଏବଂ ଆମ ଜୀବନ ଏକ ବିପଜ୍ଜନକ ସ୍ଥିତିରେ ପହଂଚିଲାଣି । ଏବେ ଜୀବନ ବିକଳରେ ଛାନିଆ ହୋଇ 'ଗଛ ଗଛ ଗଛ, ଆଉ ସବୁ ପଛ', 'ମା' ପାଇଁ ଗଛଟିଏ' ପରି ସ୍ଲୋଗାନ୍ ଦେବା ଆରମ୍ଭ କଲୁଣି । ତଥାପି ଗଛକଟା ଚାଲିଛି । ଯିଏ ଯେଉଁଠି ବାଟରେ ଗଛ କାଟିବାରେ ଲାଗିଛନ୍ତି । ସରକାରୀ ସ୍ତରରେ ଗଛ ଲଗାଚାଲିଛି କିନ୍ତୁ ସେଥିରେ ଆନ୍ତରିକତା ଥିବାର ଲାଗୁନି । କେବଳ କାଗଜପତ୍ରରେ ଲକ୍ଷ ଲକ୍ଷ ଗଛ ଲାଗୁଛି । ବାସ୍ତବତା କିନ୍ତୁ ଶୂନ । କେହି କେହି ବ୍ୟକ୍ତି ବା ଅନୁଷ୍ଠାନମାନେ ଅବଶ୍ୟ ନିଜ ହାତରୁ ଅର୍ଥ ବ୍ୟୟକରି ଗଛ ଲଗାଉଥିବାର ଦେଖାଯାଉଛି । ତାହା କିନ୍ତୁ ସମୁଦ୍ରକୁ ଶଙ୍ଖେ ପରି । ପାଠକେ, ଏସବୁ କରିବାର କିଛି ଆବଶ୍ୟକତା ନାହିଁ ଯଦି ଆଜିଠାରୁ ଆମେ ଗଛ କାଟିବା ବନ୍ଦ କରିଦିଅନ୍ତେ । ସୃଷ୍ଟିକୁ ରକ୍ଷା କରିବା ପାଇଁ ଏବେ ବି ଆମ ପାଖରେ ସମୟ ଅଛି । ଆଜିଠାରୁ ଯଦି ପୃଥିବୀର ସବୁଆଡ଼େ ଗଛ କଟାରେ ରୋକ୍ ଲଗାଇ ଦିଆଯାଇ ପାରନ୍ତା, ତେବେ ଗଛ ଲଗାଇବା ଆଉ



ଦରକାର ପଡ଼ନ୍ତା ନାହିଁ । ପୃଥିବୀକୁ ସେମିତି କିଛି ବର୍ଷ ଛାଡ଼ିଦେଲେ, ଫାଙ୍କା ସ୍ଥାନରେ ଆପେ ଆପେ ଜଙ୍ଗଲ ସୃଷ୍ଟି ହୋଇଯିବ । ଏହା ପ୍ରକୃତିର ନିଜସ୍ୱ ପ୍ରକ୍ରିୟା ।

ତେବେ ଯାହାହେଉ, ଦୟାଳୁ ପରମାତ୍ମା ଆମ ପାଇଁ ସବୁକିଛି ତାଙ୍କ ସୃଷ୍ଟିରେ ମହଜୁଦ କରି ରଖିଛନ୍ତି । ସୂର୍ଯ୍ୟ, ଚନ୍ଦ୍ର, ତାରା, ଆକାଶ, ଜଳ, ବାୟୁ ସବୁ ଆମ ପାଇଁ ହିଁ ଖଞ୍ଜାଯାଇଛି । ଆମେ ସେଗୁଡ଼ିକୁ ଉପଯୋଗ କରି ଜୀବନ ନିର୍ବାହ କରିବା । ପରମାତ୍ମାଙ୍କୁ ମାଗିବାର କିଛି ଆବଶ୍ୟକତା ନାହିଁ । କ୍ଷେତ ପଡ଼ିଛି । ଚାଷକରି ଖାଇବା । ନିଜର ଶିକ୍ଷା ଏବଂ ବୁଦ୍ଧିକୁ ଉପଯୋଗ କରି ଧନ ଉପାର୍ଜନ କରିବାରେ କିଛି ଅସୁବିଧା ନାହିଁ । ଧନ ଅର୍ଜନ କର । ସମାଜ ପାଇଁ କିଛି ଖର୍ଚ୍ଚ କର । ପୁଣ୍ୟ ହେବ । ଈଶ୍ୱର ଆମକୁ ସବୁକିଛି ଦେଇସାରିବା ପରେ ପୁଣି ଆମେ ମାଗନ୍ତାଙ୍କ ପରି ମାଗୁଛୁ । ହେ ପ୍ରଭୁ.. ମୋତେ ଗୋଟିଏ ଚାକିରି ଦିଅ.. ସୁନ୍ଦରୀ ସ୍ତ୍ରୀଟିଏ ଦିଅ.... ପୁଅ କିମ୍ବା ଝିଅଟିଏ ଦିଅ.. ଅମୁକ ପ୍ଲଟ୍‌ଟିଏ କିଣିବାକୁ ଇଚ୍ଛା କରିଛି । ପ୍ଲିଜ୍...ପ୍ରଭୁ କରେଇଦିଅ । ମଣିଷର କେତେ କାମନା ଦେଖ....

ପ୍ରକୃତ ତତ୍ତ୍ୱଟି ଜାଣୁଥିଲେ ମଣିଷ ଈଶ୍ୱରଙ୍କୁ ଆଦୌ ମାଗନ୍ତା ନାହିଁ । ଈଶ୍ୱର କାହାକୁ କିଛି ଦିଅନ୍ତି ନାହିଁ । ସେ ନିର୍ବିକାର.. ଅକର୍ତ୍ତା । କାହାର ଭଲ କିମ୍ବା ମନ୍ଦରେ ସେ ନ ଥାନ୍ତି । କାହାର ଚାକିରି ହେଲେ କେତେ ନ ହେଲେ କେତେ, କିଏ ଖାଇବାକୁ ପାଇଲା କିମ୍ବା କ୍ଷୀରି ପୁରୀରେ ଭାସିଲା, ସେଥିରେ ବି ତାଙ୍କର ଯା'ଆସ ନାହିଁ । ସେ କେବଳ ସାକ୍ଷୀ ସ୍ୱରୂପରେ ଥାଆନ୍ତି । ତାଙ୍କର କିଛି ନେଣଦେଣ ନାହିଁ । ମଣିଷ ନିଜ କର୍ମର ଫଳକୁ ଭୋଗ କରୁଛି ଯାହା । ପୂର୍ବଜନ୍ମର ହେଉ ଅବା ଏ ଜନ୍ମର... ଆମ ଦ୍ୱାରା କରାଯାଇଥିବା ଭଲ କିମ୍ବା ମନ୍ଦ ଫଳକୁ ଭୋଗିବାକୁ ଆମେ ବାଧ୍ୟ । ଭଲକାର୍ଯ୍ୟର ସୁଫଳ ଭୋଗିବାକୁ ଆମେ ଯେମିତି ବ୍ୟଗ୍ର, ଖରାପ କାର୍ଯ୍ୟର କୁଫଳ ମଧ୍ୟ ଆମ ଅନିଚ୍ଛା ସତ୍ତ୍ୱେ ଆମକୁ ମିଳେ । ଜମି ଖଣ୍ଡିଏ ପାଇବା ପାଇଁ ମୁଁ ପ୍ରାର୍ଥନା କରୁଛି ମାନେ ନୁହେଁ ଯେ ପ୍ରଭୁ ମୋତେ ଜମି ଖଣ୍ଡିଏ ଦେଇଦେବେ । ଯଦି ମୋର ପୁଣ୍ୟ ଅଛି ତେବେ ମୁଁ ପ୍ରାର୍ଥନା ନ କଲେ ବି ଆପେ ଆପେ ବିକିଲାବାଲା ମୋ ପାଖରେ ପହଞ୍ଚି ଜମି କିଣିବା ପାଇଁ ଦିନରାତି ବାଧ୍ୟ କରିବେ । ଯଦି ମୋର ଭାଗ୍ୟରେ ନାହିଁ ତେବେ ହଜାରେଟା ପ୍ଲଟ୍ ଦେଖିବା ପରେ ବି ଯୋଉ ଭଡ଼ାଘରେ ସେଇ ଭଡ଼ାଘରେ ରହିବା ପାଇଁ ମୁଁ ବାଧ୍ୟ ହେଉଥିବି । କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଚାକିରି ଆଶାୟୀଟିଏ ଚାକିରି ପାଇବା ପାଇଁ ପ୍ରାର୍ଥନା କରୁଛି ଏବଂ ଶେଷରେ ଚାକିରି ପାଉଛି ମଧ୍ୟ । ସେତେବେଳେ ଆମେ କହୁ – ଯା ହେଉ, ପ୍ରଭୁ ତା' ଡାକ ଶୁଣିଲେ । ଏଠି ଦୁଇଟି କଥା ଅଛି ପାଠକେ । ବିନା ପରିଶ୍ରମରେ ପ୍ରାର୍ଥନା କଲେ କିଛି ମିଳେନାହିଁ । ଚାକିରି ପାଇବା ପାଇଁ ପିଲାଟିଏ ଦିନରାତି ପଢ଼ାପଢ଼ିରେ ମନ ଦେଉଛି । ପ୍ରବଳ ପରିଶ୍ରମ କରୁଛି । ଏଣେ ପ୍ରାର୍ଥନା ବି କରୁଛି । ତେଣୁ ତାକୁ ଚାକିରି ମିଳିଲା । ଚାକିରି ମିଳିଲା ବୋଲି କହିଲେ ଭୁଲ୍ ହେବ ପାଠକେ । ତାକୁ ଚାକିରି ମିଳିବାର ଥିଲା । ତା'ର ପୁଣ୍ୟ ବି ଥିଲା । ତେଣୁ ମିଳିଲା । ନ ହେଲେ ତା'ଠାରୁ ସମାନ ବା ଢେର୍ ପରିଶ୍ରମ କରୁଥିବା ଚାକିରି ଆଶାୟୀ ପରିଶ୍ରମ ସହିତ ପ୍ରାର୍ଥନା କରୁଥିଲେ ବି ତାକୁ ଚାକିରି ମିଳି ନ ଥାଏ । ଏହା ହିଁ ହେଉଛି କର୍ମର ରହସ୍ୟ ।

ସରଳ କଥାଟିଏ ହେଉଛି କର୍ମ କରି ଚାଲ । କିନ୍ତୁ ଫଳ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନା । କରିବାର ଆବଶ୍ୟକତା ବି ନାହିଁ । କାରଣ ଈଶ୍ୱର ସେ ପ୍ରାର୍ଥନାକୁ ଶୁଣି ନ ଥାନ୍ତି । ପରୀକ୍ଷାରେ ୨୦ ମାର୍କର ଉତ୍ତର ଦେଇ ପାସ୍ ନିମନ୍ତେ ୩୦ ମାର୍କ ଦେବାକୁ ପରୀକ୍ଷକଙ୍କୁ ଯେତେ ନେହୁରା ହୋଇ ଉତ୍ତର ଖାତାରେ ଲେଖିଲେ ପରୀକ୍ଷକ ଶୁଣନ୍ତି କି ? ଈଶ୍ୱର ତ ପୁରା କଡ଼ା ପରୀକ୍ଷକ । ଉତ୍ତର ଯଦି ଠିକ୍ ଠିକ୍ ଦେଇଛ, ତେବେ ଚିନ୍ତା କରିବାର ନାହିଁ କି କାହାକୁ ପ୍ରାର୍ଥନା କରିବାର ନାହିଁ । ବିନ୍ଦାସ୍ ହୋଇ ରୁହ ।

ପ୍ରକୃତ ଧାର୍ମିକ ବ୍ୟକ୍ତିଟିଏ ଏସବୁ ଜିନିଷ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରି ନ ଥାଏ । ସବୁ ପ୍ରାର୍ଥନା ପୂରଣ ନ ହେବାର ଅନ୍ୟ ଗୋଟିଏ କାରଣ ହେଉଛି ଆମ ଅପେକ୍ଷା ଈଶ୍ୱର ଭଲ କି ଜାଣିଥାନ୍ତି ଯେ କେଉଁଥିରେ ଆମର ମଙ୍ଗଳ ହେବ । ମଣିଷ ନିଜ ମଙ୍ଗଳ ବାବଦରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ଛୋଟ ପିଲାଟିଏ, ତାକୁ ପ୍ରବଳ ଥଣ୍ଡା । ନାକରୁ ସିଂଘାଣି ବୋହିପଡ଼ୁଛି । କିନ୍ତୁ ଆଇସକ୍ରିମ୍ ଖାଇବା ପାଇଁ ବୋଉ ପାଖେ ଅଳିଅଝଟ କରୁଛି । ବୋଉ ତାକୁ ଦେବ କି ?

ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ । ମାଗିବା ଉଚିତ । କ'ଣ ମାଗିବ ? ଯଦି ମାଗିଲ, ତେବେ ତାଙ୍କୁ ତୁମେ ଈଶ୍ୱର ବୋଲି ମାନୁନା ପ୍ରମାଣିତ ହୋଇଯିବ । କାରଣ ଈଶ୍ୱର ସର୍ବଜ୍ଞ । ତୁମର କ'ଣ ଦରକାର, ତୁମ ଅପେକ୍ଷା ତାଙ୍କୁ ଅଧିକ ଜଣା । ମାଗିଲେ ତାଙ୍କ 'ସର୍ବଜ୍ଞ' ଉପାଧି ଉପରେ ତୁମେ ନିଜେ କଳଙ୍କ ଲଗାଇଦେଲ ବୋଲି ଜାଣ ।


ଈଶ୍ୱରଙ୍କୁ ମାଗ । ହେ ପ୍ରଭୁ ! ତୁମେ ମୋର । ତୁମଠୁ ମୁଁ ଧନ, ଜନ, ଗୋପ ଲକ୍ଷ୍ମୀ ମାଗୁନି । ସେସବୁରେ ମୋର ଆବଶ୍ୟକ ନାହିଁ । ମୋର କେବଳ ତୁମେ ହିଁ ଦରକାର । ସୁତରାଂ ଈଶ୍ୱରଙ୍କୁ ମାଗ । ଈଶ୍ୱରଙ୍କଠାରୁ ମାଗନା – ଏହା ହିଁ ସିଦ୍ଧାନ୍ତ ।

*– ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ(ଆଧ୍ୟାତ୍ମିକ ପତ୍ରିକା )*
*ତେଲେଙ୍ଗାପେଣ୍ଠ, କଟକ ମୋ:୯୭୭୭୭୯୭୮୪୧*

## ପୁସ୍ତକ ସମୀକ୍ଷା

### କୃଷ୍ଣକଥା

**ଲେଖକ: ଡ. ସ୍ୱାମୀ ଅରୂପାନନ୍ଦ, ପ୍ରକାଶକ: ପବ୍ଲିସିଂ ହାଉସ୍, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର –୧୫, ମୂଲ୍ୟ : ୩୬୦/–**





'କୃଷ୍ଣକଥା'କୁ ନେଇ ସ୍ୱାମୀ ଅରୂପାନନ୍ଦ ମହାରାଜ ସୁନ୍ଦର ତାତ୍ତ୍ୱିକ ବହିଟିଏ ରଚନା କରିଛନ୍ତି । ପରମକାରୁଣିକ ପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳା ସହିତ ବହୁବିଧ ଅଲୌକିକ ଆଲୋଚନା ଏଥିରୁ ପାଠକ ଲାଭ କରିବେ । ବହିଟିକୁ ପାଠ କରୁ କରୁ ନିଜେ କୃଷ୍ଣପ୍ରେମରେ ତଲ୍ଲୀନ ହେବାର ସୁଯୋଗ ପାଇବେ । କୃଷ୍ଣ ଯେ ଗୁରୁ, ସ୍ୱାମୀ, ପ୍ରଭୁ, ତଥା ଇଷ୍ଟ – ଏଇ ଅବଧାରଣା ଉକ୍ତ ପୁସ୍ତକ ପଠନରୁ ଲାଭ କରିବେ । ସ୍ୱାମୀଜୀ ବହୁ ଶାସ୍ତ୍ର ପୁରାଣର ତଥ୍ୟ ଓ ତତ୍ତ୍ୱକୁ ସମ୍ମିଶ୍ରିତ କରାଇ ସୁଧୀପାଠକବର୍ଗଙ୍କ ନିମିତ୍ତ ଏକ ସୁପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଆର୍ଯ୍ୟକର୍ମ ଉପାସନା ଦ୍ୱାରା କୃଷ୍ଣଜନିତ କର୍ମରେ ନିୟୋଜିତ ହେବାକୁ ଅନୁପ୍ରେରିତ କରିଛନ୍ତି । ପ୍ରଭୁ ଶ୍ରୀକୃଷ୍ଣଙ୍କ ମହିମା କୀର୍ତ୍ତନ କରି ଜୀବ ବୈକୁଣ୍ଠଧାମ ଲାଭ କରିବ, ଏହା ହିଁ ଏଇ ପୁସ୍ତକର ଅନ୍ତର୍ନିହିତ ସନ୍ଦେଶ । ପୁସ୍ତକଟି ଅଧ୍ୟାତ୍ମବାଦୀ ସୁଧୀ ପାଠକବର୍ଗଙ୍କୁ ନିଶ୍ଚିତ ରୂପେ ପ୍ରେରଣା ପ୍ରଦାନ କରିବ ବୋଲି ଆଶା ।

### ଇତିହାସ ପୃଷ୍ଠାରେ ପିପିଲି

**ଲେଖକ: ପ୍ରଫେସର ଜଗନ୍ନାଥ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାପାତ୍ର ସମ୍ପାଦନା: ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ପ୍ରକାଶକ: ଇଂ ଜିତେନ୍ଦ୍ରିୟ ପଟ୍ଟନାୟକ କଟକରୋଡ, ଭୁବନେଶ୍ୱର, ମୂଲ୍ୟ:୫୦୦/–**


ଏବେ ଓଡ଼ିଶାର ଆଞ୍ଚଳିକ ଇତିହାସ ରଚନା ଆରମ୍ଭ ହୋଇଛି । ସେହି କ୍ରମରେ 'ଇତିହାସ ପୃଷ୍ଠାରେ ପିପିଲି' ପୁସ୍ତକଟିର ଆବଶ୍ୟକତା ଅନୁଭୂତ ହୁଏ । ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଏବଂ ରମେଶ ଚନ୍ଦ୍ର ମହାପାତ୍ରଙ୍କ ମିଳିତ ଉଦ୍ୟମରେ ଏମିତି ଏକ ମହତ୍ତ୍ୱପୂର୍ଣ୍ଣ ପୁସ୍ତକର ପ୍ରକାଶନ ଆମ ସାହିତ୍ୟ ପାଇଁ ଶୁଭଙ୍କର । ପୁସ୍ତକଟିରେ ଦଶଟି ଅଧ୍ୟାୟ ରହିଛି । ପିପିଲିର ଭୌଗୋଳିକ ଅବସ୍ଥିତି, ପ୍ରାଗ୍‌ଐତିହାସିକ ଯୁଗରୁ ୧୯୪୭ମସିହା ପର୍ଯ୍ୟନ୍ତ ନାନାବିଧ ଘଟଣା ଏହାର ଗୁରୁତ୍ୱ ପ୍ରତିପାଦନ କରିଥାଏ । ତେବେ ସ୍ୱାଧୀନତା ପ୍ରାପ୍ତି ପରେ ପିପିଲିର ରାଜନୈତିକ ଇତିହାସ, ପିପିଲିର ଅର୍ଥନୈତିକ ଇତିହାସ ଏବଂ ପିପିଲିର ସାଂସ୍କୃତିକ ବିଭବର ଅବତାରଣା ବହିଟିକୁ ଅଧିକ ମାତ୍ରାରେ ମହନୀୟ କରିବାରେ ସହାୟକ ହୋଇଛି । ତେବେ ପିପିଲିର ପ୍ରତ୍ନତାତ୍ତ୍ୱିକ ବିଭବ କ୍ରମରେ ବିଭିନ୍ନ ମନ୍ଦିର, ଗୁମ୍ଫା, ପୁଷ୍କରିଣୀ, ଗୀର୍ଜା ଆଦିର ବର୍ଣ୍ଣନା ଏହାର ଗୁରୁତ୍ୱ ବୃଦ୍ଧି କରିଛି । ପିପିଲିରେ ବିଭିନ୍ନ ସମୟରେ ଘଟିଯାଇଥିବା ପ୍ରାକୃତିକ ବିପର୍ଯ୍ୟୟ କିପରି ଏହାର ଅର୍ଥନୀତିକୁ ଦୋହଲାଇ ଦେଇଛି, ତାହାର ସବିସ୍ତୃତ ବିବରଣୀ ପାଠକ ଏହି ବହିରୁ ପାଇପାରିବେ । ଶେଷ ଅଧ୍ୟାୟଟି ପିପିଲିର କୃତୀ ସନ୍ତାନମାନଙ୍କୁ ନେଇ ରଚିତ ହୋଇଛି ।



ବ୍ୟାକ୍ ପେଜ୍

# ଗୋବର ସୁପ୍

ଭାରତରେ ଗାଈର ଗୋବରକୁ ପବିତ୍ର ମଣାଯାଏ । ଏହାଛଡ଼ା ଏହାକୁ ଜାଳେଣି, ଖତ ଏବଂ ଚଟାଣ ଲିପିବା ପାଇଁ ବି ବ୍ୟବହାର କରାଯାଏ । ହେଲେ ଜାଣିଛନ୍ତି କି ଏହି ଗୋବରରେ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ ? ଆଉ ଲୋକେ ତାକୁ ଭାରି ଖୁସିରେ ଖାଆନ୍ତି ଓ ରେଷ୍ଟୁରାଣ୍ଟରେ ବି ଏହା ଅଧିକ ଟଙ୍କାରେ ବିକ୍ରି ହୁଏ । ଗୋବରରେ ପ୍ରସ୍ତୁତ ଏହି ଡିସ୍‌ଟି ହେଉଛି ସୁପ୍ । ଭିଏଟ୍‌ନାମର କିଛି ପାର୍ବତ୍ୟ ଅଞ୍ଚଳ ଏବଂ ଜନଜାତିଙ୍କ ମଧ୍ୟରେ ଏହା 'କାଓ ଡଙ୍ଗ ସୁପ୍' ବା 'ପୁପ କୁସ ସୁପ୍' ନାମରେ ପରିଚିତ । ଏଠାକାର ଦୂରଦୂରାନ୍ତର ପାର୍ବତ୍ୟ ଅଞ୍ଚଳ ଯେପରି କି 'ହୋଆଙ୍ଗ ସୁ ଫି' ମାର୍କେଟରେ ଏହି ସୁପ୍ ବିକ୍ରି ହୁଏ । ସୁପ୍‌ର ନାମରୁ ଲାଗୁଥିବ ଯେ, ଏଥିରେ ପ୍ରକୃତ ଗୋବର ମିଶାଯାଇଛି, କିନ୍ତୁ ବାସ୍ତବତା ଟିକେ ଅଲଗା । ଏହି ସୁପ୍‌କୁ ଗାଈ କିମ୍ବା ଛେଳିର ଅନ୍ତନାଳୀରେ ଅଧା ହଜମ ହୋଇଥିବା ଘାସ ଏବଂ ଗଛଲତାକୁ ବ୍ୟବହାର କରି ପ୍ରସ୍ତୁତ କରାଯାଏ । ଏହି ସୁପ୍‌କୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ବଜାରରୁ ଗାଈର ଅନ୍ତନାଳୀ ଅଣାଯାଏ । ସେଥିରେ ଥିବା କଞ୍ଚା ଘାସ, ଯାହା ଗାଈ ଚରିଥାଏ ଏବଂ ଆଂଶିକ ଭାବେ ହଜମ ହୋଇଥାଏ ତାକୁ ବାହାର କରି ଭଲ



ଭାବରେ ଧୁଆଯାଏ । ତା'ପରେ ପିଆଜ, ଟମାଟୋ, ରସୁଣ, ଅଦା, ଲେମନ୍‌ଗ୍ରାସ, ଲଙ୍କା ଏବଂ ବିଭିନ୍ନ ମସଲା ଦେଇ ଏହାକୁ ଛୁଙ୍କ ଦିଆଯାଏ । କିଛି ସ୍ଥାନରେ ଲେମ୍ବୁ ରସ, ଲୁଣ ଏବଂ କଞ୍ଚା ଲଙ୍କା ମଧ ପକାଯାଏ । ଘଣ୍ଟା ଘଣ୍ଟା ଧରି ଫୁଟାଇବା ପରେ ଏହି ସୁପ ପ୍ରସ୍ତୁତ ହୋଇଯାଏ । ଏହାର ସ୍ୱାଦ ରାଗ, ଖଟା ଏବଂ ସାମାନ୍ୟ ପିତା ହୋଇଥାଏ, ଯାହା ଶୀତଦିନେ ଶରୀରକୁ ଗରମ ରଖିବା ପାଇଁ ବ୍ୟବହାର କରାଯାଏ । ଲୋକେ କହନ୍ତି, ଏହାର ସ୍ୱାଦ କାଳେ ଅତି ନିଆରା ।








# ନାନୋ କାର୍ ହେଲା ହେଲିକପ୍ଟର

କୁହାଯାଏ ଯେ ସଉକ ବଡ଼ ଜିନିଷ । ଏହାକୁ ପୂରଣ କରିବା ପାଇଁ ଲୋକେ କିଛି ବି କରିବାକୁ ପ୍ରସ୍ତୁତ ହୋଇଯାନ୍ତି । ସେହିଭଳି ଉତ୍ତରପ୍ରଦେଶର ଆଜମଗଡ଼ ଜିଲାରେ ମଧ ଜଣେ ବ୍ୟକ୍ତି ନିଜର ସଉକ ପୂରଣ କରିବା ପାଇଁ ଏକ ଚମତ୍କାର ତଥା ନିଆରା ଜିନିଷ ତିଆରି କରିଛନ୍ତି, ଯାହା ଲୋକଙ୍କୁ ବିସ୍ମିତ କରୁଛି । ବ୍ୟକ୍ତି ଜଣକ ନିଜର ପୁରୁଣା ନାନୋ ଗାଡ଼ିକୁ ହେଲିକପ୍ଟରର ରୂପ ଦେଇଛନ୍ତି । ତାଙ୍କର ଏହି କଳା ଦେଖିବା ପରେ କେବଳ ଆଜମଗଡ଼ ନୁହେଁ, ବରଂ ସବୁଆଡ଼ୁ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି । ଆଜମଗଡ଼ ଜିଲା ତରୱା ଥାନା ଅଞ୍ଚଳର ବାସିନ୍ଦା ସଲମାନ ବୃତ୍ତିରେ ଜଣେ କାଠ ମିସ୍ତ୍ରି । ଏହା ବ୍ୟତୀତ ତାଙ୍କର ପୁରୁଣା ଗାଡ଼ିକୁ ନୂଆ ରୂପ ଦେବାର କଳା ରହିଛି । ତେଣୁ ନିଜର ସଉକ ପୂରଣ ଲାଗି ସଲମାନ ନିଜର ପୁରୁଣା ନାନୋ ଗାଡ଼ିକୁ ମୋଡିଫାଇ କରି ଏକ ହେଲିକପ୍ଟରର ଆକାର ଦେଇଛନ୍ତି । ହେଲିକପ୍ଟରଟି ଆକାଶରେ ଉଡ଼ୁନାହିଁ ସତ, କିନ୍ତୁ ରାସ୍ତାରେ ଦ୍ରୁତ ଗତିରେ ଚାଲୁଛି ଏବଂ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି । ସଲମାନ ଏହି ହେଲିକପ୍ଟରକୁ ନିଜର ବ୍ୟକ୍ତିଗତ ଏବଂ ସୀମିତ ସମ୍ବଳ ମଧ୍ୟରେ ନିଜ କଳା ବଳରେ ପ୍ରସ୍ତୁତ କରିଛନ୍ତି । ଏଥିରେ ହେଲିକପ୍ଟର ଭଳି ପଙ୍ଖା ଅଛି । ଏହାକୁ ଆକର୍ଷଣୀୟ କରିବା ପାଇଁ ସୁନ୍ଦର ଲାଇଟ ମଧ୍ୟ ଲଗାଯାଇଛି । ଏହି ନାନୋ ହେଲିକପ୍ଟରରେ ଡ୍ରାଇଭରଙ୍କ ସହ ମୋଟ ୪ ଜଣ ବ୍ୟକ୍ତି ବସି ଉକ୍ତ ନିଆରା ହେଲିକପ୍ଟର ରାଇଡ୍‌ର ମଜା ନେଇପାରିବେ । ଏହାକୁ ତିଆରି କରିବା ଲାଗି ସେ ପ୍ରାୟ ୩,୦୦,୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି । ରାସ୍ତାରେ ଚାଲିବା ବେଳେ ହେଲିକପ୍ଟର ପଙ୍ଖା ଯୋଗୁଁ ଯେମିତି କାହାର ଅସୁବିଧା ନ ହୁଏ, ସେଥିପାଇଁ ସେ ଏକ ସ୍ୱିଚ ବ୍ୟବହାର କରିଛନ୍ତି, ଯାହା ସାହାଯ୍ୟରେ ପଙ୍ଖାଗୁଡ଼ିକୁ ସହଜରେ ଫୋଲ୍ଡ କରି ହୁଏ । ସେ କୁହନ୍ତି ଯେ, 'ମୁଁ ପ୍ରସ୍ତୁତ କରିଥିବା ଏହି ମଡେଲକୁ ଲୋକେ ବହୁତ ଭଲ ପାଉଛନ୍ତି । ଲୋକେ ବିବାହ କାର୍ଯ୍ୟ ପାଇଁ ମଧ ବୁକିଂ କରି ନେଉଛନ୍ତି ।' ସଲମାନ ହୁଏତ ପ୍ରକୃତ ହେଲିକପ୍ଟରରେ ଯାତ୍ରା କରି ନ ଥାଇପାରନ୍ତି, କିନ୍ତୁ ନିଜ ସଉକ ପୂରଣ କରିବା ପାଇଁ ସେ ଏହି ନିଆରା ନାନୋ ହେଲିକପ୍ଟର ପ୍ରସ୍ତୁତ କରି ନିଜ ସହିତ ଅନ୍ୟମାନଙ୍କୁ ମଧ ଏହି ସବାରିର ଆନନ୍ଦ ନେବାର ସୁଯୋଗ ଦେଇଛନ୍ତି ।



# ମଣିଷ ଓ ଚିତାବାଘ ଭିତରେ ନିଆରା ସମ୍ପର୍କ

ଜଙ୍ଗଲର ନିୟମ କହେ, ଶିକାରୀ ଏବଂ ଶିକାର କେବେ ବି ଏକାଠି ରହିପାରିବେ ନାହିଁ । ହିଂସ୍ରପ୍ରାଣୀ ନିରୀହ ଜଙ୍ଗଲୀ ପ୍ରାଣୀ ଅବା ମଣିଷକୁ ଆକ୍ରମଣ କରିବ ହିଁ କରିବ । କିନ୍ତୁ ରାଜସ୍ଥାନର ପାଲି ଜିଲାରେ ଏମିତି ଏକ ଅଞ୍ଚଳ ଅଛି, ଯାହା ଏହି କଥନକୁ ଭୁଲ୍ ପ୍ରମାଣ କରିଦେଇଛି । ଆମେ କହୁଛୁ 'ଜୱାଇ ହିଲ୍ସ' ବିଷୟରେ, ଯେଉଁଠି ଗ୍ରାନାଇଟ ପାହାଡ଼ ମଝିରେ ମଣିଷ ଏବଂ ଭୟଙ୍କର ଚିତାବାଘଙ୍କ ମଧ୍ୟରେ ଶତାବ୍ଦୀ ଶତାବ୍ଦୀ ଧରି 'ବନ୍ଧୁତା'ର ସମ୍ପର୍କ ଚାଲିଆସିଛି । ଏହା ବିଶ୍ୱର ଏକମାତ୍ର ଅଞ୍ଚଳ, ଯେଉଁଠାରେ ୪୦ ରୁ ୫୦ ଚିତାବାଘ ଜନବସତି ଏବଂ ମନ୍ଦିର ପାଖରେ ଖୋଲାଖୋଲି ବୁଲନ୍ତି, କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଆଜି ପର୍ଯ୍ୟନ୍ତ କୌଣସି ମଣିଷ ଉପରେ ଚିତାବାଘ ଆକ୍ରମଣ କରିବାର ଘଟଣା ସାମ୍ନାକୁ ଆସିନାହିଁ । ସାରା ଦୁନିଆ ଏହାକୁ 'ଲେପର୍ଡ ହିଲ୍ସ ଅଫ ଇଣ୍ଡିଆ' ନାମରେ ଜାଣେ । ଜୱାଇ ଅଞ୍ଚଳର ପ୍ରାଚୀନ ମନ୍ଦିର, ବିଶେଷ କରି 'ୱାରା ମାତାଜୀ' ମନ୍ଦିରର ପୂଜକ ଏବଂ ଗ୍ରାମବାସୀ ଯେତେବେଳେ ସକାଳ ଓ ସନ୍ଧ୍ୟାରେ ମନ୍ଦିର ଶିଢ଼ି ଚଢ଼ନ୍ତି ବା ଓହ୍ଲାନ୍ତି, ସେତେବେଳେ ଅନେକ ସମୟରେ ଏହି ଚିତାବାଘମାନେ ସେମାନଙ୍କ ଅତି ପାଖ ଦେଇ ଶାନ୍ତିରେ ଚାଲିଯାଆନ୍ତି । ଅନେକ ସମୟରେ ତ ଏହି ଚିତାବାଘମାନେ ମନ୍ଦିରର ଶିଢ଼ି ଉପରେ ଆରାମ କରୁଥିବାର ଦେଖାଯାଆନ୍ତି । ଏଠାକାର ମେଷପାଳକମାନେ ନିଜର ମେଣ୍ଢାମାନଙ୍କ ସହ ସେହି ପାହାଡ଼ ତଳ ଦେଇ ନିର୍ଭୟରେ ଯାଆନ୍ତି, ଯେଉଁଠି ଚିତାବାଘ ଶାନ୍ତିରେ ଖରା ପୋଉଁଥାଏ । ତଥାପି ସେମାନେ ସ୍ଥାନୀୟ ଲୋକଙ୍କର କିଛି ବି କ୍ଷତି କରୁ ନ ଥିବାରୁ ଏହାକୁ ମାତାଜୀଙ୍କ ଚମତ୍କାର ବୋଲି ବିଶ୍ୱାସ କରନ୍ତି । ତେବେ ବୈଜ୍ଞାନିକଙ୍କ ମତରେ–ଜୱାଇର ମା' ଚିତାବାଘମାନେ ନିଜ ଛୁଆଙ୍କୁ ଶିକାର କରିବା ତ ଶିଖାନ୍ତି, କିନ୍ତୁ ସେମାନେ କେବେ ବି ମଣିଷର ପିଛା କରିବା ବା ସେମାନଙ୍କ ଉପରେ ଆକ୍ରମଣ କରିବା ଶିଖାନ୍ତି ନାହିଁ । ତା'ସହ ସେମାନେ ମଣିଷକୁ ଛୋଟବେଳୁ ଆଖପାଖରେ ବୁଲୁଥିବାର ଦେଖନ୍ତି । ଫଳରେ ସେମାନଙ୍କ ମନରେ ମଣିଷ ପ୍ରତି କୌଣସି ଭୟ ବା 'ଶିକାର'ର ଚିତ୍ର ରହେ ନାହିଁ ।